# ଏକକ ୨ ଭାରତୀୟ ଶିକ୍ଷା ବ୍ୟବସ୍ଥା-୨

## ସଂରଚନା


୨.୦ ଉପକ୍ରମ

୨.୧ ଶିକ୍ଷଣ ଉଦ୍ଦେଶ୍ୟ

୨.୨ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଶିକ୍ଷା କମିସନ୍/କମିଟିଗୁଡ଼ିକର ସୁପାରିଶ

- ୨.୨.୧ ରାଧାକ୍ରିଷ୍ଣନ୍ କମିଶନ୍(୧୯୪୮-୪୯)
- ୨.୨.୨ ମୁଦାଲିୟାର କମିଶନ୍ (୧୯୫୨)
- ୨.୨.୩ ଜାତୀୟ ନାରୀ ଶିକ୍ଷା କମିଟି, ୧୯୫୮ : ଦୁର୍ଗାବାଇ ଦେଶମୁଖ୍ କମିଟି
- ୨.୨.୪ କୋଠାରି କମିଶନ୍(୧୯୬୪-୬୬)
- ୨.୨.୫ ଯଶପାଲ୍ କମିଟି (୧୯୯୨)

୨.୩ ଜାତୀୟ ଶିକ୍ଷା ନୀତି (*NPEs*)

- ୨.୩.୧ *NPE* - ୧୯୬୮
- ୨.୩.୨ *NPE* - ୧୯୮୬
- ୨.୩.୩ ପ୍ରାରମ୍ଭିକ ଶିକ୍ଷାର ସମସ୍ୟା

୨.୪ ଆଠ ବର୍ଷିଆ ପ୍ରାରମ୍ଭିକ ଶିକ୍ଷାର ସ୍ୱରୂପ

୨.୫ ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ

- ୨.୫.୧ ଜାତୀୟ ପାଠ୍ୟକ୍ରମ ରୂପରେଖ (*NCF*), ୨୦୦୫
- ୨.୫.୨ ପ୍ରାରମ୍ଭିକ ବିଦ୍ୟାଳୟ ପାଠ୍ୟକ୍ରମର ତାତ୍ପର୍ଯ୍ୟ

୨.୬ ସାରାଂଶ

୨.୭ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୁଚୀ

୨.୮ ପାଠାନ୍ତ ପ୍ରଶ୍ନାବଳୀ



## ୨.୦ ଉପକ୍ରମ

ପ୍ରଥମ ଏକକରେ ଆମେ ପ୍ରାଚୀନ ଭାରତରେ ଅନୁସୃତ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷା ସଂକ୍ରାନ୍ତ ଧାରଣା, ଶିକ୍ଷାର ବୈଶିଷ୍ଟ୍ୟ ଏବଂ ଶିକ୍ଷକ ଓ ସେମାନଙ୍କ ଦାୟିତ୍ୱବୋଧ ସମ୍ପର୍କରେ ଜାଣିଲେ । ଏହା ସାଙ୍ଗକୁ ପ୍ରାକ୍ ସ୍ୱାଧୀନତା ସମୟରେ ଶିକ୍ଷାର ଅଭ୍ୟୁଦୟ କିପରି ହେଲା ସେ ସଂପର୍କ ଅବଗତ ହେଲେ । ସ୍ୱାଧୀନତା ପରେ, ସ୍ୱାଧୀନ ରାଷ୍ଟ୍ରର ଚାହିଦା ଅନୁସାରେ ଏକ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ପ୍ରାଧାନ୍ୟ ଦିଆଯାଇଥିଲା । ଭାରତୀୟ ସମ୍ବିଧାନ ୧୯୫୦ ଜାନୁଆରୀ ୨୬ରେ କାର୍ଯ୍ୟକ୍ଷମ

ଟିପ୍ପଣୀ

ହୋଇଥିଲା । ସମ୍ବିଧାନର ଧାରା ୪୫ ଅନୁସାରେ, "ସମ୍ବିଧାନ କାର୍ଯ୍ୟକାରୀ କରାଯିବାର ୧୦ ବର୍ଷ ମଧ୍ୟରେ ଦେଶର ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ନିଶୁଳ୍କ ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା, ରାଷ୍ଟ୍ର (ସରକାର)ର ଦାୟିତ୍ୱ" ।

ଦେଶରେ ଶିକ୍ଷାର ଉନ୍ନତି ସହ ଏକ ପ୍ରଭାବୀ ଶିକ୍ଷା ବ୍ୟବସ୍ଥା ପାଇଁ ଭାରତ ସରକାର ଏକାଧିକ କମିସନ୍ ଓ କମିଟି ନିଯୁକ୍ତ କରିଥିଲେ । ଶିକ୍ଷାର ବିଭିନ୍ନ ଦିଗକୁ ବିଚାରକରି କମିସନ୍ ଓ କମିଟି ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିଶ କରିଥିଲେ । ଏହି ଏକକ ମାଧ୍ୟମରେ ତୁମ୍ଭେମାନେ ଜାଣିବଯେ ଫଳପ୍ରଦ ଶିକ୍ଷାପାଇଁ ସେମାନଙ୍କର ପ୍ରସ୍ତାବ/ସୁପାରିଶ ବହୁତ ଉପଯୋଗୀ ଥିଲା , ତାହା ନିମ୍ନ ଚିତ୍ର( ୨.୧ )ରେ ଦର୍ଶାଯାଇଛି ।




**(ଚିତ୍ର ୨.୧ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ପ୍ରାରମ୍ଭିକ ଶିକ୍ଷା ସଂକ୍ରାନ୍ତରେ ଗଠିତ ପ୍ରମୁଖ ଶିକ୍ଷା କମିସନ୍)**

ତୁମେ ଜାଣିପାରିବ, ସେହିସବୁ କମିସନ୍ ଓ କମିଟିର ସୁପାରିଶଗୁଡ଼ିକ ଆଧୁନିକ ଭାରତର ଶିକ୍ଷା ନୀତି, ସ୍ୱରୂପ ଓ ବିକାଶକୁ ପ୍ରତ୍ୟକ୍ଷଭାବେ ପ୍ରଭାବିତ କରିଥିଲା । ଭାରତୀୟ ଶିକ୍ଷା ବିଶେଷକରି ପ୍ରାରମ୍ଭିକ ଶିକ୍ଷାର ଅଭ୍ୟୁଦୟ ବିଷୟରେ ଏହି ଏକକରେ ଆଲୋଚନା କରାଯାଇଛି ।

ଭାରତ ସରକାର ସମୟକୁ ସମୟ ଦେଶରେ ଶିକ୍ଷା ସ୍ଥିତି ବିଶେଷକରି ୧୯୬୮, ୧୯୮୬, ୧୯୯୨, ଏବଂ *NCF* ୨୦୦୫ ପ୍ରାରମ୍ଭିକ ଶିକ୍ଷା ସ୍ଥିତିର ସମୀକ୍ଷା କରିଛନ୍ତି ଏବଂ ଏ ପ୍ରସଙ୍ଗରେ ନୀତି ନିର୍ଦ୍ଧାରଣ କରିଛନ୍ତି । ପ୍ରାରମ୍ଭିକ ଶିକ୍ଷାର ପ୍ରସାରରେ ଏହି ସବୁ ନୀତିର ସୁଦୂର ପ୍ରସାରୀ ପ୍ରଭାବ ପଡ଼ିଥିଲା । ଏହି ଏକକରେ ଆମେ ସେହିସବୁ ଯୋଜନାର ସମୀକ୍ଷା ମଧ୍ୟ କରିବା ।

## ୨.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପଠନ ପରେ ତୁମେ:

- ବିଭିନ୍ନ କମିସନ୍‌ର ଐତିହାସିକ ମହତ୍ୱର ବିଶ୍ଳେଷଣ କରିବା,

ଟିପ୍ପଣୀ

- କୋଠାରୀ କମିସନ୍ ସୁପାରିଶ୍‌ର ପ୍ରକୃତି ବର୍ଣ୍ଣନା କରିବ,
- ବିଭିନ୍ନ କମିସନ୍ ଦ୍ୱାରା ସୁପାରିଶ କରାଯାଇଥିବା କାର୍ଯ୍ୟକ୍ରମର ପରୀକ୍ଷଣ କରିବା,
- ସାମ୍ପ୍ରତିକ ଶିକ୍ଷା ନୀତିର ବୈଶିଷ୍ଟ୍ୟ ଉଲ୍ଲେଖ ଓ ବର୍ଣ୍ଣନା କରିବା
- ବିଭିନ୍ନ ନୀତି ଦ୍ୱାରା ଧାର୍ଯ୍ୟ ଶିକ୍ଷାର ବିଭିନ୍ନ ଲକ୍ଷ୍ୟର ପ୍ରାସଙ୍ଗିକତା ପରୀକ୍ଷଣ କରିବା,
- ଜାତୀୟ ଶିକ୍ଷା ନୀତିର ଅବଦାନ ଏବଂ *UEE* ଉପରେ ଏହାର ପ୍ରଭାବ ସମ୍ବନ୍ଧୀୟ ବ୍ୟାଖ୍ୟା କରିବା,
- ଜାତୀୟ ପାଠ୍ୟକ୍ରମ ରୂପରେଖ (*NCF*) ୨୦୦୫ର ମୂଲ୍ୟାୟନ କରିବା,
- ଜାତୀୟ ପାଠ୍ୟକ୍ରମ ରୂପରେଖ (*NCF*) ୨୦୦୫ର ଅନ୍ତର୍ନିବେଶୀ ଗୁଣ ବ୍ୟାଖ୍ୟା କରିବା ଏବଂ ଏହାର କାର୍ଯ୍ୟକାରିତା ପାଇଁ ପ୍ରସ୍ତାବ ଦେବା,
- ଆଠ ବର୍ଷିଆ ପ୍ରାରମ୍ଭିକ ଶିକ୍ଷା(ନିମ୍ନ ପ୍ରାଥମିକ ଶ୍ରେଣୀରେ ୫ ବର୍ଷ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀରେ ୩ ବର୍ଷ)ର ସ୍ୱରୂପକୁ ଗମ୍ଭୀରତାର ସହ ପରୀକ୍ଷା କରିବା ପାଇଁ ସକ୍ଷମ ହୋଇପାରିବା ।

## ୨.୨ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଶିକ୍ଷା କମିସନ୍/କମିଟିର ସୁପାରିଶ

ଦେଶରେ ବିଭିନ୍ନ ସ୍ତରର ଶିକ୍ଷା ବ୍ୟବସ୍ଥାର ବିକାଶ ନିମନ୍ତେ ଅନେକ କମିଶନ୍ ଓ କମିଟି ଗଠିତ ହୋଇଛି । ପ୍ରାରମ୍ଭିକ ଶିକ୍ଷାକୁ ଫଳପ୍ରଦ କରାଇଥିବା କେତେକ କମିସନ୍/କମିଟି ଗୁଡ଼ିକ ହେଲା;

୧. ରାଧାକ୍ରିଷ୍ଣନ୍ କମିସନ୍ (୧୯୪୮-୪୯)
୨. ମୁଦାଲିୟାର କମିସନ୍ (୧୯୫୨)
୩. ଦୁର୍ଗାବାଇ ଦେଶମୁଖ୍ କମିସନ୍ (୧୯୫୮)
୪. କୋଠାରି କମିସନ୍(୧୯୬୪-୬୬)
୫. ଯଶପାଲ କମିଟି (୧୯୯୨)

### ୨.୨.୧ ରାଧାକ୍ରିଷ୍ଣନ୍ କମିଶନ୍ (୧୯୪୮-୧୯୪୯)

ବିଶ୍ୱବିଦ୍ୟାଳୟ ଶିକ୍ଷା ସମସ୍ୟା ଅନୁଧ୍ୟାନ କରିବା ନିମନ୍ତେ ଭାରତ ସରକାର, ୧୯୪୮ରେ ଡଃ ଏସ୍. ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟ ଶିକ୍ଷା କମିସନ୍ ଗଠନ କରିଥିଲେ । ଜାତୀୟ ବିକାଶ ପାଇଁ ବିଭିନ୍ନ କ୍ଷେତ୍ରରେ ଯୁବ ନେତୃତ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କମିସନ୍ ଗଠନ କରାଯାଇଥିଲା । ଶିକ୍ଷିତ ଯୁବଗୋଷ୍ଠୀରୁ ଏହି ନେତୃତ୍ୱ ଉପଲବ୍ଧ ହୋଇପାରିବ ବୋଲି ଚିନ୍ତାନାୟକମାନେ ଆଶା କରିଥିଲେ ।

ରାଧାକ୍ରିଷ୍ଣନ୍ କମିସନ୍ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଗବେଷଣାର ଲକ୍ଷ୍ୟ ଏବଂ ଏହାର ଉଦ୍ଦେଶ୍ୟରେ ଆବଶ୍ୟକିୟ ପରିବର୍ତ୍ତନ; ବିଶ୍ୱବିଦ୍ୟାଳୟର ସମ୍ବିଧାନ, ନିୟନ୍ତ୍ରଣ, କାର୍ଯ୍ୟାବଳୀ ଏବଂ ନ୍ୟାୟିକ ପରିସୀମା; କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହ ସେଗୁଡ଼ିକର ସମ୍ପର୍କ; ବିତ୍ତ ସଂକ୍ରାନ୍ତୀୟ; ନାମଲେଖା,

ଶିକ୍ଷାଦାନ, ପରୀକ୍ଷା, ପାଠ୍ୟକ୍ରମ, ପାଠ୍ୟକ୍ରମ ଅବଧି, ଅନୁଚିତ ଭେଦଭାବ; ଭାରତୀୟ ସଂସ୍କୃତି, ଇତିହାସ, ସାହିତ୍ୟ, ଭାଷା, ଦର୍ଶନ, ଚାରୁକଳା ଇତ୍ୟାଦିରେ ଗୁଣାତ୍ମକ ଶିକ୍ଷାର ବ୍ୟବସ୍ଥା ଓ ନିର୍ଦ୍ଦେଶନାର ମାଧ୍ୟମ ପାଇଁ ଅନେକ ମହତ୍ୱପୂର୍ଣ୍ଣ ସୁପାରିଶ କରିଥିଲେ । ଦେଶରେ ଉଚ୍ଚଶିକ୍ଷାକୁ ସଂଯୋଜିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିସନ୍ *(UGC)* ପ୍ରତିଷ୍ଠା ନିମନ୍ତେ କମିସନ୍ ସୁପାରିଶ କରିଥିଲେ । ଏହି ସୁପାରିଶ ପରେ ଏହା ପ୍ରତିଷ୍ଠା ହୋଇଥିଲା । କମିସନ୍ଙ୍କ ଅନ୍ୟାନ୍ୟ ସୁପାରିଶକୁ ମଧ୍ୟ ଗ୍ରହଣ କରାଯାଇ କାର୍ଯ୍ୟକାରୀ କରାଯାଇଥିଲା; ଯାହା ଉଚ୍ଚଶିକ୍ଷାକୁ ଉପଯୁକ୍ତ ମାର୍ଗଦର୍ଶନ କରାଇଥିଲା । କମିସନ୍ଙ୍କ ଏହିସବୁ ସୁପାରିଶ ପ୍ରାରମ୍ଭିକ ଶିକ୍ଷା ପାଇଁ ପ୍ରତ୍ୟକ୍ଷଭାବେ ଲାଭଦାୟକ ହୋଇନଥିଲେ ହେଁ ମାଧ୍ୟମିକ ଓ ଉଚ୍ଚଶିକ୍ଷା ପାଇଁ ପ୍ରସ୍ତୁତିର ମୂଳଦୁଆ ଥିବା ପ୍ରାରମ୍ଭିକ ଶିକ୍ଷାର ଦର୍ଶନ ଓ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାକୁ ଗଭୀର ପ୍ରଭାବିତ କରିଥିଲା ।

## ୨.୨.୨ ମୁଦାଲିଆର୍ କମିସନ୍ (୧୯୫୨-୫୩)

ଦେଶରେ ପ୍ରଚଳିତ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିବା ଏବଂ ଏହାର ଲକ୍ଷ୍ୟ, ସଂଗଠନ ଏବଂ ବିଷୟବସ୍ତୁ, ପ୍ରାରମ୍ଭିକ ଓ ଉଚ୍ଚଶିକ୍ଷା ସହ ଏହାର ସମ୍ପର୍କ ଏବଂ ବିଭିନ୍ନ ପ୍ରକାର ମାଧ୍ୟମିକ ବିଦ୍ୟାଳୟର ଆନ୍ତଃ ସମ୍ପର୍କକୁ ଧ୍ୟାନରେ ରଖି ଏହାର ପୁନର୍ଗଠନ ଓ ଉନ୍ନତି ପାଇଁ ପରାମର୍ଶ ପ୍ରଦାନ କରିବାକୁ ଭାରତ ସରକାର ୧ ୯ ୫ ୨ ରେ ଡଃ ଏ. ଲକ୍ଷ୍ମଣସ୍ୱାମୀ ମୁଦାଲିଆର୍ଙ୍କ ଅଧ୍ୟକ୍ଷତାରେ ମାଧ୍ୟମିକ ଶିକ୍ଷା କମିସନ୍ ଗଠନ କରିଥିଲେ ।

ମୁଦାଲିଆର୍ କମିସନ୍ ଶିକ୍ଷକ ଏବଂ ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ବିଭିନ୍ନ ସମସ୍ୟାକୁ ଅନୁଧ୍ୟାନ କରି ଶିକ୍ଷକ-ତାଲିମ ନିମନ୍ତେ ଦୁଇ ପ୍ରକାର ପ୍ରତିଷ୍ଠାନ ରହିବା ଉଚିତ ବୋଲି ସୁପାରିଶ କରିଥିଲେ ।

୧. ପ୍ରାଥମିକ ଶିକ୍ଷକ ତାଲିମ ପ୍ରତିଷ୍ଠାନ ଯାହା ଏକ ସ୍ୱତନ୍ତ୍ର ବୋର୍ଡ଼ ଅଧୀନରେ କାର୍ଯ୍ୟକରିବ ଏବଂ ସ୍କୁଲ୍ ଲିଭିଂ ସାର୍ଟିଫିକେଟ୍ (ମାଧ୍ୟମିକ ଶିକ୍ଷା) ବା ହାୟର ସେକେଣ୍ଡାରୀ ସ୍କୁଲ୍ ଲିଭିଂ (ଉଚ୍ଚ ମାଧ୍ୟମିକ ଶିକ୍ଷା)ସାର୍ଟିଫିକେଟ୍ଲାଭ କରିଥିବା ପ୍ରଶିକ୍ଷାର୍ଥୀଙ୍କ ଦୁଇ ବର୍ଷିଆ ତାଲିମ ପାଠ୍ୟକ୍ରମ ପ୍ରଦାନ କରିବ ।

୨. ମାଧ୍ୟମିକ ଶିକ୍ଷକ ତାଲିମ ପ୍ରତିଷ୍ଠାନ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ୱୀକୃତି ଓ ସହବନ୍ଧନପ୍ରାପ୍ତ ହେବ ଏବଂ ସ୍ନାତକ ଡିଗ୍ରୀଧାରୀମାନଙ୍କୁ ବର୍ଷିକିଆ ତାଲିମ ପ୍ରଦାନ କରିବ । ଏହି ତାଲିମ ଅବଧି ଦୁଇ ବର୍ଷିଆ କରିବା  ପାଇଁ ଯୋଜନରେ ରହିଛି ।

ଶିକ୍ଷକ ପ୍ରଶିକ୍ଷାର୍ଥୀମାନେ ମଧ୍ୟ ପାଠ୍ୟକ୍ରମ ବାହାରେ ଗୋଟିଏ ବା ଅଧିକ କାର୍ଯ୍ୟକଳାପରେ ତାଲିମ ପାଇବେ । ଶିକ୍ଷକ ପ୍ରଶିକ୍ଷଣ କଲେଜ୍ ଗୁଡ଼ିକ ସାଧାରଣତଃ ରିଫ୍ରେସର୍ କୋର୍ସ ବ୍ୟବସ୍ଥା କରିବେ, ସ୍ୱତନ୍ତ୍ର ବିଷୟରେ ସ୍ୱଳ୍ପ ସମୟର ଇଣ୍ଟେନ୍‌ସିଭ୍(*intensive*) କୋର୍ସ, କର୍ମଶାଳା ଓ ବୃତିଗତ ସମ୍ମିଳନୀ ମାଧ୍ୟମରେ ପ୍ରୟୋଗାତ୍ମକ(ପ୍ରାକ୍ଟିକାଲ୍) ତାଲିମ ପ୍ରଦାନ କରିବେ ।

ଆହୁରି ମଧ୍ୟ ଟ୍ରେନିଂ କଲେଜଗୁଡ଼ିକ ଶିକ୍ଷାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ବନ୍ଧରେ ଗବେଷଣା ଚଳାଇବେ ଏବଂ ଏଥିପାଇଁ ଏକ ପ୍ରୟୋଗାତ୍ମକ ବିଦ୍ୟାଳୟ ମଧ୍ୟ ରହିବ । ବିନା ଶୁଳ୍କରେ ତାଲିମ ଏବଂ ଆବାସିକ ପ୍ରତିଷ୍ଠାନ ପାଇଁ କମିଶନ ଦଢ ମତ ଦେଇଥିଲେ । ଶିକ୍ଷକ ତାଲିମ ପ୍ରତି ଏହି ସବୁ ସୁପାରିଶଗୁଡ଼ିକର ସୁଦୂର ପ୍ରସାରୀ ପ୍ରଭାବ ରହିଥିଲା, ବିଶେଷକରି ତାଲିମଗ୍ରହଣ ପାଇଁ ଆସୁଥିବା କାର୍ଯ୍ୟରତ ଶିକ୍ଷକଙ୍କ ପାଇଁ ଏହା ବିଶେଷ ପ୍ରଭାବୀ ଥିଲା ।

## ୨.୨.୩ ଜାତୀୟ ନାରୀ ଶିକ୍ଷା କମିଟି, ୧୯୫୮ (ଦୁର୍ଗାବାଇ ଦେଶମୁଖ୍ କମିଟି)

ସ୍ୱାଧୀନତା ପରେ ଦେଶର ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ଥିବା ବାଳିକା ଓ ମହିଳାଙ୍କ ଶିକ୍ଷା ସମସ୍ୟା ପ୍ରାଥମିକତାଲାଭ କରିଥିଲା । କିନ୍ତୁ ତୁମେ ଜାଣିଛ, ଭାରତୀୟ ସମାଜରେ ପାରମ୍ପରିକଭାବେ ବାଳିକା ଶିକ୍ଷାକୁ କମ୍ ଗୁରୁତ୍ୱ ପ୍ରଦାନ କରାଯାଉଥିଲା । ଜୁଲାଇ ୧୯୫୭ରେ*Planning Commission* ର ଶୈକ୍ଷିକ କମିଟି ସୁପାରିଶ କଲେ ଯେ "ବାଳିକାମାନଙ୍କ ପ୍ରାରମ୍ଭିକ, ମାଧ୍ୟମିକ ଏବଂ ବୟଃପ୍ରାପ୍ତ ସ୍ତରୀୟ ଶିକ୍ଷାର ପ୍ରାରୂପ ସଂକ୍ରାନ୍ତ ପ୍ରଶ୍ନର ବିଭିନ୍ନ ଦିଗ ଅନୁଧ୍ୟାନ କରିବା ଏବଂ ସାମ୍ପ୍ରତିକ ବ୍ୟବସ୍ଥା ସେମାନଙ୍କୁ ଏକ ସୁଖଦ ଏବଂ ଉପଯୋଗୀ ଜୀବନ ପାଇଁ ସହାୟତା କରୁଛି କି ନାହିଁ ଏହା ଅଧ୍ୟୟନ ପାଇଁ ଏକ ଉପଯୁକ୍ତ କମିଟି ଗଠନ ହେବା ଉଚିତ" । ୧୯୫୭ରେ ରାଜ୍ୟ ଶିକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀ ମଧ୍ୟ ନାରୀ ଶିକ୍ଷା ସଂକ୍ରାନ୍ତ ସମସ୍ତ ସମସ୍ୟା ଅନୁଧ୍ୟାନ ପାଇଁ ଏକ କମିଟି ଗଠନ କରାଯିବା ଉଚିତ ବୋଲି ପ୍ରସ୍ତାବ ଦେଇଥିଲା ।

ତଦନୁସାରେ ସରକାର ୧୯୫୮ ମେ' ମାସରେ ଶ୍ରୀମତୀ ଦୁର୍ଗାବାଇ ଦେଶମୁଖ୍‌ଙ୍କ ଅଧ୍ୟକ୍ଷତାରେ ଜାତୀୟ ନାରୀ ଶିକ୍ଷା କମିଟି ମନୋନିତ କରିଥିଲେ । ବାଳକ ଶିକ୍ଷା ଓ ବାଳିକା ଶିକ୍ଷାରେ ସମତାରକ୍ଷା ପାଇଁ ସର୍ବାଧିକ ଗୁରୁତ୍ୱ ଦେବାକୁ ଏବଂ ଏ ପ୍ରସଙ୍ଗରେ ଆସୁଥିବା ସମସ୍ୟାକୁ ରାଜ୍ୟ ଓ କେନ୍ଦ୍ର ସରକାର ସାହସ ଓ ଦମ୍ଭର ସହ ସମ୍ମୁଖୀନ ହେବା ପାଇଁ୧୯୫୯ ରେ ଏହି କମିଟି ସୁପାରିଶ କରିଥିଲେ । ମଧ୍ୟ ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ସହଶିକ୍ଷା ଏବଂ ମାଧ୍ୟମିକସ୍ତରରେ ବାଳିକାମାନଙ୍କ ପାଇଁ ପୃଥକ୍ ପ୍ରତିଷ୍ଠାନ ସ୍ଥାପନ ପାଇଁ କମିଟି ମଧ୍ୟ ସୁପାରିଶ କରିଥିଲେ, ଯେଉଁଠାରେ କି ବାଳିକାମାନଙ୍କ ପାଇଁ ଉପଯୋଗ ବିବିଧ ପାଠ୍ୟକ୍ରମ ପ୍ରଚଳନ କରାଯାଇପାରିବ । ମା', କ୍ରେଚ୍

ଟିପ୍ପଣୀ

ଓ ମହିଳା ଶିକ୍ଷକଙ୍କ ପାଇଁ ତାଲିମ ଓ ବୟସ୍କ ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ କମିଟି ଇଚ୍ଛା ପ୍ରକଟ କରିଥିଲେ ।

ସେହିଅନୁସାରେ, ପ୍ରାରମ୍ଭିକ ସ୍ତରରେ ବାଳିକା ଶିକ୍ଷା ଓ ମହିଳା ଶିକ୍ଷକଙ୍କୁ ଉତ୍ସାହିତ କାରିବା ନିମନ୍ତେ ନୀତି ଓ ଅଭ୍ୟାସ ପକ୍ରିୟାରେ ଏକାଧିକ ବ୍ୟବସ୍ଥା କରାଯାଇଥିଲା ।

## ୨.୨.୪ କୋଠାରୀ କମିସନ୍ (୧୯୬୪-୬୬)

ଏକାଧିକ କମିଟି ଓ କମିସନ୍‌ଙ୍କ ସୁପାରିଶ ଏବଂ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ନିରବଚ୍ଛିନ୍ନ ଉଦ୍ୟମ ସତ୍ତ୍ୱେ ଦେଶରେ ଶିକ୍ଷାର ପ୍ରଗତିରେ ଭାରତ ସରକାର ସନ୍ତୁଷ୍ଟ ନଥିଲେ । ଶିକ୍ଷାର ସମସ୍ତ କ୍ଷେତ୍ରକୁ ନେଇ ଏକ ବ୍ୟାପକ ଶିକ୍ଷା ନୀତି ପ୍ରସ୍ତୁତ କରାଯିବା ଆବଶ୍ୟକ ବୋଲି ଅନୁଭବ କରାଗଲା । ସେହି କାରଣରୁ, ଶିକ୍ଷାର ସବୁ ସ୍ତର ଏବଂ ଦିଗର ବିକାଶ ପାଇଁ ଏକ ଉପଯୁକ୍ତ ଶିକ୍ଷାର ଆଧାର ଗଠନ ପାଇଁ ଏବଂ ସାଧାରଣ ନୀତି,ନିୟମାବଳୀ ସଂକ୍ରାନ୍ତରେ ସରକାରଙ୍କୁ ପରାମର୍ଶ ଦେବାକୁ ୧୯୬୪ରେ ଭାରତ ସରକାର ଡଃ ଡି.ଏସ୍. କୋଠାରୀଙ୍କ ଅଧ୍ୟକ୍ଷତାରେ ଶିକ୍ଷା କମିସନ୍ ଗଠନ କରାଗଲା ।

କମିସନ୍ ଭିନ୍ନଭିନ୍ନ ଶୈକ୍ଷିକ କ୍ଷେତ୍ର ପାଇଁ ଯଥା- ବିଦ୍ୟାଳୟ ଶିକ୍ଷା, ଉଚ୍ଚ ଶିକ୍ଷା, ବୈଷୟିକ ଶିକ୍ଷା, କୃଷି ଶିକ୍ଷା ଇତ୍ୟାଦି ୧୨ଟି ଟାସ୍କ ଫୋର୍ସ ଗଠନ କରିଥିଲେ ଏବଂ ଅଧିକାଂଶ ଶିକ୍ଷା ସମସ୍ୟାକୁ ସବିଶେଷ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ୭ଟି କାର୍ଯ୍ୟକାରୀଦଳ (ଓ୍ୱାର୍କିଂ ଗ୍ରୁପ୍)ଗଠନ କରିଥିଲେ । ଟାସ୍କ ଫୋର୍ସ ଓ ଓ୍ୱାର୍କିଂ ଗ୍ରୁପ୍‌ଙ୍କ ରିପୋର୍ଟଗୁଡ଼ିକ କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଗଭୀରଭାବେ ଟିକିନିଖି ପରଖ କରି କମିସନ୍‌ଙ୍କୁ ଏହାର ତ୍ରୁଟିବିଚ୍ୟୁତି ଜାଣିବାରେ ସାହାଯ୍ୟ କରିଥିଲେ ।

ସାମାଜିକ ପୁନର୍ନିର୍ମାଣ ଏବଂ ରାଷ୍ଟ୍ର ଗଠନ ଓ ବିକାଶରେ ସରକାରଙ୍କ ସହ ସେମାନଙ୍କ ଭାଗିଦାରୀ ସଂକ୍ରାନ୍ତରେ ଜନସାଧାରଣଙ୍କୁ ସଚେତନ କରାଇବାରେ ଶିକ୍ଷା ପ୍ରମୁଖ ମାଧ୍ୟମ ବୋଲି କମିସନ୍ ହୃଦୟଙ୍ଗମ କରିଥିଲେ । ଜାତୀୟ ବିକାଶରେ ଲୋକଙ୍କ ଭାଗିଦାରୀ କମିସନ୍‌ଙ୍କ ଇଚ୍ଛା ଥିଲା । ଏହା କୋଠାରୀ କମିସନ୍ ରିପୋର୍ଟର ମୂଳ ଭିତ୍ତିଭୂମି ।

କମିସନ୍‌ଙ୍କ ଦୃଷ୍ଟିରେ ଶିକ୍ଷାର କେତେକ ପ୍ରମୁଖ ଲକ୍ଷ୍ୟ ଓ ସେସବୁକୁ ହାସଲ କରିବା ପାଇଁ ସୁପାରିଶ ନିମ୍ନରେ ଦିଆଯାଇଛି:

୧. ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଁ ଶିକ୍ଷା:

(କ) ବିଜ୍ଞାନକୁ ଶିକ୍ଷା ଓ ସଂସ୍କୃତିର ଏକ ମୌଳିକ ଅଙ୍ଗ ରୁପେ ଗ୍ରହଣ କାରିବା

(ଖ) ସାଧାରଣ ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗଭାବେ(*Socially Useful Productive Work)* ପ୍ରଚଳନ କରିବା ।

(ଗ) କୃଷି ଶିଳ୍ପର ଚାହିଦା ପୂରଣ ପାଇଁ ଧନ୍ଦାମୂଳକ ଶିକ୍ଷା ପ୍ରଚଳନ

(ଘ) ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକ ଓ ବୈଷୟିକ ଗବେଷଣା ଓ ଶିକ୍ଷାର ଉନ୍ନତିକରଣ

୨. ଆଧୁନିକୀକରଣ ପ୍ରକ୍ରିୟାକୁ ତ୍ୱରିତ୍ୱିତ ପାଇଁ ଶିକ୍ଷା:

(କ) ଶିକ୍ଷାଦାନର ନୂତନ ପଦ୍ଧତି ଆପଣେଇବା

(ଖ) ମନୋଭାବ, ମୂଲ୍ୟବୋଧ ଏବଂ ସ୍ୱଅଧ୍ୟୟନ ପରି ଅତ୍ୟାବଶ୍ୟକ କୌଶଳର ବିକାଶ

(ଗ) ସମାଜର ସବୁ ବର୍ଗର ଲୋକଙ୍କୁ ଶିକ୍ଷିତ କରିବା

(ଘ) ଧନ୍ଦାମୂଳକ ଶିକ୍ଷା ଓ ବିଜ୍ଞାନ ଶିକ୍ଷାକୁ ଗୁରୁତ୍ୱ ଦେବା

(ଙ) ଦେଶରେ ଉତ୍କୃଷ୍ଟମାନର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା

୩. ସାମାଜିକ ଓ ଜାତୀୟ ସଂହତି ପ୍ରୋତ୍ସାହନରେ ଶିକ୍ଷା:

(କ) ସାଧାରଣ ଶିକ୍ଷାରେ ଏକକ ବିଦ୍ୟାଳୟ (*Common School)*ବ୍ୟବସ୍ଥାର ପ୍ରଚଳନ

(ଖ) ସମସ୍ତ ଆଧୁନିକ ଭାରତୀୟ ଭାଷାର ବିକାଶ

(ଗ) ଯେତେଶୀଘ୍ର ସମ୍ଭବ ହିନ୍ଦୀକୁ ସଶକ୍ତ କରିବାକୁ ପଦକ୍ଷେପ ଗ୍ରହଣ

(ଘ) ଗୋଷ୍ଠୀ ଜୀବନରେ ଭାଗିଦାରୀ ପାଇଁ ବିଦ୍ୟାର୍ଥୀଙ୍କୁ ପ୍ରବର୍ତ୍ତାଇବା ଓ ସକ୍ଷମ କରିବା

୪. ଜାତୀୟ ମୂଲ୍ୟବୋଧର ଅନ୍ତନିବେଶ ପାଇଁ ଶିକ୍ଷା:

(କ) ନୈତିକ, ସାମାଜିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ପ୍ରବର୍ତ୍ତନ

(ଖ) ବିଶ୍ୱର ଧର୍ମ ସମ୍ବନ୍ଧୀୟ ସୂଚନା ଥିବା ପାଠ୍ୟଖସଡ଼ା ଯୋଗାଣ

(ଗ) ସାମୂହିକଭାବେ ନୀରବ ଧ୍ୟାନ କରିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା

(ଘ) ଛାତ୍ରଛାତ୍ରୀଙ୍କୁ ସାମାଜିକ ନ୍ୟାୟ ଓ ସମାଜ ସେବାର ଧାରଣା ପ୍ରଦାନ

କୋଠାରୀ କମିସନ୍ ରିପୋର୍ଟ ଭାରତୀୟ ଶିକ୍ଷାର ଏକ ବିଜ୍ଞ ଅନୁଶୀଳନ, ଏପରିକି ଅର୍ଦ୍ଧ ଶତାବ୍ଦୀରୁ ଅଧିକ ସମୟ ଅତିବାହିତ ହେବାପରେ ମଧ୍ୟ ଏବେ ବି ଏହାକୁ ଭାରତ ଶିକ୍ଷା ଇତିହାସରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ସବିଶେଷ ଏବଂ ଗଭୀର ଅନୁଧ୍ୟାନଭାବେ ଗଣନା କରାଯାଉଛି ।

କୋଠାରୀ କମିସନ୍ ଏକ ସାଧାରଣ ବିଦ୍ୟାଳୟ ବ୍ୟବସ୍ଥା (*Common School System*) ସପକ୍ଷରେ ମତ ଦେଇଥିଲେ; ଯାହା ଜାତି, ଧର୍ମ ଓ ସ୍ଥିତି ଆଧାରରେ ଭେଦଭାବ ନକରି ସମସ୍ତଙ୍କୁ ନିଃଶୁଳ୍କ

ଟିପ୍ପଣୀ

ଟିପ୍ପଣୀ

ଶିକ୍ଷା ଯୋଗାଇବ । *Common School System* କୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବା ପାଇଁ କୋଠାରୀ କମିସନ୍ ମଧ୍ୟ କେତେକ ଆବଶ୍ୟକ ପଦକ୍ଷେପ ବିଷୟରେ ପ୍ରସ୍ତାବ ଦେଇଥିଲେ । ସେଗୁଡ଼ିକ ହେଲା:-

- ଗୁଣାତ୍ମକ ପ୍ରାରମ୍ଭିକ ଶିକ୍ଷା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ଯୋଗାଣ ପାଇଁ ଜାତୀୟ ବ୍ୟୟ ଅଟକଳ ପରିମାଣ ବୃଦ୍ଧି କରିବା; ଯାହା ଫଳରେ ସରକାରୀ, ସ୍ଥାନୀୟ ସଂସ୍ଥା ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ବୈଧ ପଡୋଶି ବିଦ୍ୟାଳୟରେ ପରିଣତ କରାଯାଇ ପାରିବ ।

- ପ୍ରାଥମିକ ସ୍ତରରେ ସମସ୍ତଙ୍କୁ ମାତୃଭାଷାରେ, ମାଧ୍ୟମିକ ସ୍ତରରେ ଆଞ୍ଚଳିକ ଭାଷାରେ ନିଃଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ଏବଂ ଏହାକୁ ଅମାନ୍ୟ କରୁଥିବା ବିଦ୍ୟାଳୟର ଅନୁଦାନ ବନ୍ଦ କରିବା ।

- ଦଶବର୍ଷିଆ ଯୋଜନାରେ ପର୍ଯ୍ୟାୟ କ୍ରମେ ସାଧାରଣ ବିଦ୍ୟାଳୟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଏବଂ ଆବଶ୍ୟକ ସର୍ବନିମ୍ନ ଆଇନ ଯଥା-ସଅଳ ଚୟନ ପ୍ରକ୍ରିୟା, ଟ୍ୟୁସନ୍ ଶୁଳ୍କ, ଦାନ ଅର୍ଥ ଇତ୍ୟାଦି ଛାଡ଼ କରିବା ଏବଂ ନିମ୍ନଲିଖିତ ମାଧ୍ୟମରେ ଉନ୍ନତ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ନିଶ୍ଚିତ କରିବା:

  - ମୌଳିକ ଧାରଣାର ସ୍ପଷ୍ଟୀକରଣ ନିମନ୍ତେ ସ୍ୱତନ୍ତ୍ର ବିଷୟ ପାଠ୍ୟକ୍ରମ
  - ଏକତ୍ରୀକୃତ ସାଧାରଣ/ବୃତ୍ତିଗତ ଶିକ୍ଷା
  - ବୃତ୍ତିଗତ ପାଠ୍ୟକ୍ରମକୁ ଅଧୁନାତନ *(Refresh)*କରିବା ଓ ଗବେଷଣା ଚଳାଇବା
  - ଫଳପଦ ଶିକ୍ଷାଦାନ ଓ ମୂଲ୍ୟାୟନ ପଦ୍ଧତି
  - ଇର୍ଣ୍ଟର୍ଣ୍ଣସିପ୍ *(internship)*କାର୍ଯ୍ୟକ୍ରମର ଅଂଶସ୍ୱରୂପ ଅଭ୍ୟାସ ଶିକ୍ଷାଦାନ(*Practice teaching*)
  - ଶିକ୍ଷାର ସବୁ ସ୍ତର ପାଇଁ ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ଉପଯୁକ୍ତ ପରିବର୍ତ୍ତନ

ଅଧିକରୁ ଅଧିକ ସଫଳ ଶିକ୍ଷା ବ୍ୟବସ୍ଥା ପାଇଁ ଗତ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରଚେଷ୍ଟା ଜାରି ରହିଛି । ଏଥିରେ କିଛି ସଫଳତା ମିଳିଛି ସତ, ମାତ୍ର ଏହି ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି ।



ଟିପ୍ପଣୀ

## ୨.୨.୫ ଯଶପାଲ୍ କମିଟି (୧୯୯୨)

ସ୍ୱାଧୀନତାର ଦୀର୍ଘ ଦିନ ପରେ ଭାରତ ସରକାର ୧୯୯୨ରେ ପ୍ରଫେସର ଯଶପାଲ୍‌ଙ୍କ ଅଧ୍ୟକ୍ଷତାରେ ଜାତୀୟ ପରାମର୍ଶଦାତା କମିଟି ପ୍ରତିଷ୍ଠା କରିଥିଲେ । ସ୍କୁଲ ଛାତ୍ରଛାତ୍ରୀଙ୍କ ଉପରେ 'ଶୈକ୍ଷିକ ବୋଝ'ର କାରଣ ଓ ନିରାକରଣ ସଂକ୍ରାନ୍ତରେ ସରକାରଙ୍କୁ ପରାମର୍ଶ ଦେବାକୁ ଏହି କମିଟି ଗଠିତ ହୋଇଥିଲା । କମିଟି ଭାରତୀୟ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ ବୋଝ ସମସ୍ୟାକୁ ସବିଶେଷ ଅନୁଧ୍ୟାନ କରିବା ପରେ କେବଳ ଯେ ତ୍ରୁଟିପୂର୍ଣ୍ଣ ପାଠ୍ୟକ୍ରମ ପ୍ରସ୍ତୁତି କିମ୍ବା ନିମ୍ନମାନର ଶିକ୍ଷକ କିମ୍ବା ବିଦ୍ୟାଳୟ ପ୍ରଶାସନ କିମ୍ବା ପାଠ୍ୟ ପୁସ୍ତକ ଏଥି ପାଇଁ ଦାୟୀ ତା' ନୁହେଁ, ବରଂ ଉପଯୁକ୍ତ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଦକ୍ଷତାଠାରୁ ଅଧିକ ଯୋଗ୍ୟତା ହିଁ ଏହାର କାରଣ ବୋଲି ମତ ଦେଇଥିଲେ । ଏହା 'ଜ୍ଞାନ ବିସ୍ଫୋରଣ' ଓ 'ଅନୁଧାବନ' ବିଚାରଧାରା ସହ ସଂପୃକ୍ତ ।

ପାଠ୍ୟକ୍ରମ ଏବଂ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟା ବିକେନ୍ଦ୍ରୀକରଣ ହେବା ଉଚିତ ବୋଲି କମିଟି ଅନୁଭବ କରିଥିଲେ । ଏହା ଅଧିକ ସ୍ୱତନ୍ତ୍ରତା ପ୍ରଦାନ ସହ ଶିକ୍ଷକ, ଶିକ୍ଷାବିତ୍ ଓ ବିଶେଷଜ୍ଞଙ୍କ ଭାଗିଦାରୀକୁ ବୃଦ୍ଧି କରିବ । ଫଳରେ ବୈଜ୍ଞାନିକ ଓ ବିଭିନ୍ନ କ୍ଷେତ୍ର ବିଶେଷଜ୍ଞ ବିଭିନ୍ନ ବିଷୟର ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଲେଖକ ପରିବର୍ତ୍ତେ ପରାମର୍ଶଦାତାଭାବେ ସାମିଲ ହୋଇ ପାରିବେ ।

ପ୍ରତିଯୋଗିତା ଓ ବ୍ୟକ୍ତିଗତ ସଫଳତା ପାଇଁ ପୁରସ୍କାର ପିଲାମାନଙ୍କୁ ଆନନ୍ଦଦାୟକ ଶିକ୍ଷାରୁ ବଂଚିତ କରୁଥିବାରୁ କମିଟି ଏହାକୁ ନାପସନ୍ଦ କରିଥିଲା ବେଳେ ବିଦ୍ୟାଳୟରେ ସହଯୋଗୀ ଶିକ୍ଷଣକୁ ପ୍ରୋତ୍ସାହିତ କରୁଥିବା ସହଭାଗିତା, ଦଳଗତ କାର୍ଯ୍ୟକଳାପ ଏବଂ ଦଳଗତ ସଫଳତାକୁ ପ୍ରଶଂସା କରିଥିଲା । ପ୍ରାରମ୍ଭିକ ଶିକ୍ଷାରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହେବା ପାଇଁ ଯେକୌଣସି ପ୍ରକାର ପରୀକ୍ଷା ଓ ସାକ୍ଷାତକାରକୁ ମଧ୍ୟ କମିଟି ଚାହୁଁନଥିଲା ।

କମିଟି ଆହୁରି ମଧ୍ୟ କହିଥିଲେ, କୋମଳମତି ଛାତ୍ରଛାତ୍ରୀମାନଙ୍କୁ ପୁସ୍ତକ ଭରା ଅଧିକ ଓଜନର ବ୍ୟାଗ୍ ନେଇ ସ୍କୁଲ ଯିବାକୁ ବାଧ୍ୟ କରାଯିବା ଅନୁଚିତ । ପାଠ୍ୟପୁସ୍ତକକୁ ବିଦ୍ୟାଳୟ ସମ୍ପତ୍ତି ରୂପେ ବିଚାର କରାଯିବା ଆବଶ୍ୟକ । ଏଣୁ ବ୍ୟକ୍ତିଗତଭାବେ ବହି କିଣି ସେସବୁକୁ ବିଦ୍ୟାଳୟରୁ ଘର ଓ ଘରୁ ବିଦ୍ୟାଳୟ ନେବା ଅନାବଶ୍ୟକ । ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ହୋମ୍‌ୱାର୍କ (ଗୃହକାର୍ଯ୍ୟ)ଜରିଆରେ ଅଧିକ ଭାରାକ୍ରାନ୍ତ କରାଯିବା ଅନୁଚିତ । ମାତ୍ର ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ଆବଶ୍ୟକତା ଅନୁସାରେ ହୋମ୍‌ୱାର୍କ ଦିଆଯିବ; ଯାହା ପାଠ୍ୟପୁସ୍ତକ ବାହାରର ଥିବ । ଘରେ ପାଠ ପଢ଼ିବାବେଳେ ପାଠ୍ୟପୁସ୍ତକ ଆବଶ୍ୟକ ହେଲେ ପାଳିକରି ସମ୍ପୃକ୍ତ ବିଦ୍ୟାର୍ଥୀଙ୍କୁ ତାହା ପ୍ରଦାନ କରାଯିବ ।

ପ୍ରାଥମିକ ଶ୍ରେଣୀରେ ଧାରଣା ଆଧାରିତ ପାଠ୍ୟକ୍ରମ ଏବଂ ସବୁ ବିଷୟରେ ପାଠ୍ୟପୁସ୍ତକ ପାଇଁ କମିଟି ପ୍ରସ୍ତାବ ଦେଇଥିଲେ । କମିଟି ମଧ୍ୟ ପ୍ରାଥମିକ ଶ୍ରେଣୀରେ ପ୍ରତ୍ୟେକ ବିଷୟର ପାଠ୍ୟଖସଡ଼ା

ଟିପ୍ପଣୀ

ପାଇଁ ସୁପାରିଶ କରିଥିଲା । ଭାଷା ପୁସ୍ତକରେ କଥିତ ଢଗଢ଼ମାଳିଗୁଡ଼ିକ ବିଶେଷଭାବରେ ସ୍ଥାନ ପାଇଥିବା ଦରକାର । ବିଭିନ୍ନ ଜୀବନୀ, କାହାଣୀ ଓ କବିତା ଏବଂ ଦେଶର କୋଣ ଅନୁକୋଣର ସାଧାରଣ ଲୋକଙ୍କ ଜୀବନୀକୁ ଭାଷା ପୁସ୍ତକରେ ସ୍ଥାନିତ କରାଯିବା ଉଚିତ ବୋଲି କମିଟି ଗୁରୁତ୍ୱାରୋପ କରିଥିଲା । ବିଜ୍ଞାନରେ ବାସ୍ତବ ଜୀବନର ପ୍ରୟୋଗାତ୍ମକ ଏବଂ ବିଶ୍ଳେଷଣାତ୍ମକ ପ୍ରତିଫଳନ ରହିବା ଆବଶ୍ୟକ । ଇତିହାସ ଓ ଭୂଗୋଳ ଜ୍ଞାନ ସହ ସାମାଜିକ ବିଜ୍ଞାନ ପାଠ୍ୟକ୍ରମ ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କାର୍ଯ୍ୟର ଦର୍ଶନ ଓ ପଦ୍ଧତିକୁ ପ୍ରତିଫଳିତ କରିବା ଆବଶ୍ୟକ । ଏହା ଛାତ୍ରଛାତ୍ରୀ ମାନଙ୍କୁ ସାମାଜିକ ଓ ଅର୍ଥନୈତିକ ସମସ୍ୟା ଗୁଡିକୁ ବିଶ୍ଳେଷଣ କରି ଠିକ୍ ଭାବରେ ବୁଝି ପାରିବେ ଏବଂ ମତ ବ୍ୟକ୍ତ କରିପାରିବେ । ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଇତିହାସ ବହିରେ ଦେଶର ସ୍ୱାଧୀନତା ସଂଗ୍ରାମ ଗାଥା ଏବଂ ସ୍ୱାଧୀନତା ପରର୍ବତୀ ପ୍ରଗତି ବିଷୟରେ ଧ୍ୟାନ ଦିଆଯିବା ଉଚିତ । ନାଗରିକ ବିଜ୍ଞାନର ବିଷୟବସ୍ତୁ ବଦଳରେ ସମସାମୟିକ ଶିକ୍ଷା ବିଷୟମାନ ସ୍ଥାନିତ ହେବ । ଭୂଗୋଳ ଶିକ୍ଷା ସମସାମୟିକ ବାସ୍ତବତାକୁ ଆଧାର କରି ପ୍ରସ୍ତୁତ କରାଯିବା ଆବଶ୍ୟକ ।

ଯଶପାଲ୍ କମିଟି ମତରେ ଶିକ୍ଷାର ମାନବୃଦ୍ଧି ପାଇଁ ଘରୋଇ ବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କ୍ଷେତ୍ରରେ କଠୋର ନିୟମ ପ୍ରଣୟନ କରାଯିବ । ନ୍ୟାୟିକ ପରିସରରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଯୋଜନାକରଣ ଏବଂ ତଦାରଖ ପାଇଁ ଗାଁ, ବ୍ଲକ୍ ଏବଂ ଜିଲ୍ଲା ସ୍ତରରେ ଶିକ୍ଷା କମିଟି ସ୍ଥାପନ ଯୋଜନାକୁ କମିଟି ପ୍ରଶଂସା କରିଥିଲେ ।

ପ୍ରାଥମିକ ଶିକ୍ଷାର ଗୁଣବତା ପାଇଁ ଯଶପାଲ୍ କମିଟି ନିମ୍ନଲିଖିତ ପ୍ରସ୍ତାବମାନ ଦେଇଥିଲେ:

୧) ବିଦ୍ୟାଳୟ ପର୍ଯ୍ୟାୟକରଣରେ ସ୍ଥାନ ହାସଲ(*Attaining rank in grading*)

୨) ସାମାଜିକ ଅଂଶଗ୍ରହଣ

୩) ଉପସ୍ଥାନ ହାର

୪) ନିମ୍ନଲିଖିତ ମାନକ ଆଧାରରେ ଶିକ୍ଷାର ଗୁଣାତ୍ମକ ମାନ ନିର୍ଦ୍ଧାରଣ କରାଯିବ । ସେଗୁଡ଼ିକ ହେଲା:

ଶିକ୍ଷକଙ୍କ ପ୍ରସ୍ତୁତି, ଶିକ୍ଷାଦାନ ପଦ୍ଧତି, ଶୈକ୍ଷିକ ଉପକରଣର ବ୍ୟବହାର, ଛାତ୍ରର କ୍ରିୟାକଳାପ ଓ ଭାଗିଦାରୀ,ବିଦ୍ୟାଳୟ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା, ଶ୍ରେଣୀ ପରିଚାଳନା, ଶିକ୍ଷାଦାନ ବିବରଣୀ, କଳା, କାର୍ଯ୍ୟ ଅଭିଜ୍ଞତା ଏବଂ ଶାରୀରିକ ଶିକ୍ଷା, ପରିବେଶ ଓ ପରିସର ଶିକ୍ଷା, ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଅଭିଜ୍ଞତାସମ୍ପନ୍ନ ଓ ସୁଯୋଗ ପ୍ରଦାନର କାର୍ଯ୍ୟକଳାପ ।

ଯଶପାଲ୍ କମିଟି ଏକ କଠୋର, ସୁସ୍ପଷ୍ଟ ଏବଂ ଗହନ ଶିକ୍ଷକ ପ୍ରସ୍ତୁତି କାର୍ଯ୍ୟକ୍ରମ ଚାହିଁଥିଲା; ଯାହା ବିଦ୍ୟାଳୟରେ ସନ୍ତୋଷଜନକ ଶିକ୍ଷା ପ୍ରଦାନକୁ ସୁଗମ କରିବା ସହ ଆତ୍ମଅଧ୍ୟୟନ ଏବଂ ନିରପେକ୍ଷ ଚିନ୍ତନ ନିମନ୍ତେ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କୁ ସକ୍ଷମ କରାଇବ । ଏହି ଶିକ୍ଷାର ଅବଧି ସ୍ନାତକ ପରେ ଏକ

ବର୍ଷ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରେ ୩-୪ ବର୍ଷିଆ ପାଇଁ ସୁପାରିଶ କରାଯାଇଥିଲା । ବିଦ୍ୟାଳୟ ଶିକ୍ଷାର ପରିବର୍ତ୍ତନଶୀଳ ଆବଶ୍ୟକତାକୁ ଖାପଖୁଆଇବା ପାଇଁ କାର୍ଯ୍ୟକ୍ରମ ବିଷୟବସ୍ତୁର ପୁନର୍ଗଠନ କରାଯିବା ସହ ଏହାକୁ ଅଧିକ ପ୍ରୟୋଗାତ୍ମକ କରାଯିବା ଆବଶ୍ୟକ । ଶିକ୍ଷକଙ୍କ ପାଇଁ ନିରନ୍ତର ଶିକ୍ଷା ଏକ ବ୍ୟବସ୍ଥିତ ଆଧାରରେ ସଂସ୍ଥାପନ ଏବଂ କାଳ୍ପନିକଭାବେ କାର୍ଯ୍ୟରତ ତାଲିମ(*in-service*) କାର୍ଯ୍ୟକ୍ରମ ଆୟୋଜନ ହେବା ଉଚିତ ।

ଏହି ସବୁ ସୁପାରିଶର ଗୁଡିକ ନୀତି ସଂକ୍ରାନ୍ତ ନିଷ୍ପତ୍ତି ଉପରେ ସୁଦୂର ପ୍ରସାରୀ ପ୍ରଭାବ ପକାଇଥିଲା । ଫଳରେ ଅନେକ ନୂଆ ନୀତି ପ୍ରଣୟନ କରାଯାଇଥିଲା । ଏହି ସବୁ ସୁପାରିଶ ବିଶେଷକରି ପ୍ରାଥମିକ ଶିକ୍ଷା ପାଇଁ ମହତ୍ୱପୂର୍ଣ୍ଣ ଥିଲା ।

## ୨.୩ ଜାତୀୟ ଶିକ୍ଷା ନୀତି (NPE)

ସ୍ୱାଧୀନତା ପରେ ଭାରତୀୟଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ ଶୈକ୍ଷିକ ପୁନଃର୍ନିମାଣ ସମସ୍ୟାକୁ ଅନେକ କମିସନ୍ ଓ କମିଟି ସମୀକ୍ଷା କରିଥିଲେ । ସେହିସବୁ କମିସନ୍ ଓ କମିଟିର ରିପୋର୍ଟ ଓ ସୁପାରିଶ ଆଧାରରେ ସମୟକୁ ସମୟ ଜାତୀୟ ଶିକ୍ଷା ନୀତି (*NPE*) ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯାଇଥିଲା । ସେହିସବୁ ନୀତି ସବୁ ସ୍ତରରେ ଶିକ୍ଷାକୁ ବିଶେଷକରି ପ୍ରାଥମିକ ଶିକ୍ଷାକୁ ବିବେଚନା କରିଥିଲା; କାରଣ ଏହା ଉଭୟ ସହରାଂଚଳ ଓ ଗ୍ରାମୀଣ ଭାରତରେ ପ୍ରମୁଖ ଚିନ୍ତାର ବିଷୟ ଥିଲା ।

### ୨.୩.୧ ଜାତୀୟ ଶିକ୍ଷା ନୀତି (NPE)୧୯୬୮

ଶିକ୍ଷା କମିସନ୍(୧୯୬୪-୬୬)ଙ୍କ ସୁପାରିଶ ଆଧାରରେ ପ୍ରଥମ *NPE* ପ୍ରସ୍ତୁତ କରାଯାଇଥିଲା । ୧୯୬୮ରେ ଏହା ଜାରି କରାଯାଇଥିଲା ଏବଂ ଜାତୀୟ ସଂହତି ରକ୍ଷା ଏବଂ ବୃହତ୍ ସାମାଜିକ ଓ ଅର୍ଥନୈତିକ ବିକାଶ ହାସଲ ପାଇଁ ଏକ "ଆମୁଳଚୂଳ ପରିବର୍ତ୍ତନ" ଓ ସମାନ ଶୈକ୍ଷିକ ସୁଯୋଗ ଆବଶ୍ୟକ ବୋଲି କମିସନ୍ ମତ ଦେଇଥିଲେ । ଏହି ନୀତି ଶୈକ୍ଷିକ ବିକାଶ ଏବଂ ଭାରତୀୟ ସମ୍ବିଧାନ ଅନୁଯାୟୀ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ତଥା ଶିକ୍ଷକଙ୍କୁ ଉନ୍ନତ ତାଲିମ ଓ ଯୋଗ୍ୟ କରିବା ଲକ୍ଷ୍ୟ ହାସଲ ପାଇଁ ଏକ ମୂଳଦୂଆ ସ୍ଥାପନ କରିଥିଲା । ଏହି ନୀତିର ମୌଳିକ ସିଦ୍ଧାନ୍ତଗୁଡ଼ିକ ହେଲା:

#### ୧. ନିଶୁଳ୍କ ଏବଂ ବାଧ୍ୟତାମୂଳକ ଶିକ୍ଷା

ଦେଶର ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ନିଶୁଳ୍କ ଓ ବାଧ୍ୟମୂଳକ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଏବଂ ବିଦ୍ୟାଳୟରେ ଚାଲିଥିବା ଅପଚୟ ଓ ସ୍ଥିରତାକୁ ହ୍ରାସ କରିବା ସହ ନାମଲେଖାଉଥିବା ସମସ୍ତ ପିଲା ଯେପରି ସଫଳତାର ସହ ସମ୍ପୃକ୍ତ ପାଠ୍ୟକ୍ରମ ଶେଷ କରିବେ ତାହା ନିଶ୍ଚିତ କରିବା ।

ଟିପ୍ପଣୀ

## ୨. ଶିକ୍ଷକଙ୍କ ସ୍ଥିତି, ପାରିଶ୍ରମିକ ଓ ଶିକ୍ଷା

ସମାଜରେ ଏକ ସମ୍ମାନନସ୍ୱଦ ସ୍ଥାନରେ ଶିକ୍ଷକଙ୍କୁ ସ୍ଥାନିତ କରିବା ଏବଂ ସେମାନଙ୍କ ଶୈକ୍ଷିକ ସ୍ୱାଧୀନତା, ପର୍ଯ୍ୟାପ୍ତ ଏବଂ ସନ୍ତୋଷଜନକ ପାରିଶ୍ରମିକ, ସନ୍ତୋଷଜନକ ଚାକିରୀ ସର୍ତ୍ତାବଳୀ ଓ ଶିକ୍ଷକ ଶିକ୍ଷାକୁ ଗୁରୁତ୍ୱ ବିଶେଷକରି କାର୍ଯ୍ୟରତ ଶିକ୍ଷକଙ୍କ ତାଲିମକୁ ନିଶ୍ଚିତ କରିବା ।

## ୩. ଭାଷାର ବିକାଶ

ଆଂଚଳିକ ଭାଷାର ବିକାଶ, ବିଶେଷକରି ମାଧ୍ୟମିକ ସ୍ତରରେ ତ୍ରି-ଭାଷା ପ୍ରଚଳନ ବ୍ୟବସ୍ଥାକୁ ସଠିକଭାବେ କାର୍ଯ୍ୟକାରୀ କରିବା ।

## ୪. ଶୈକ୍ଷିକ ସୁଯୋଗର ସମାନତା

ଶୈକ୍ଷିକ ସୁଯୋଗର ସମାନକରଣ ପାଇଁ ପବ୍ଲିକ୍ ସ୍କୁଲ୍ ସମେତ ସବୁ ବିଦ୍ୟାଳୟରେ ମେଧା ଅନୁସାରେ ଛାତ୍ରଛାତ୍ରୀଙ୍କୁ ପଢ଼ିବାର ସୁଯୋଗ ପ୍ରଦାନ ଓ ଆଞ୍ଚଳିକ ଅସନ୍ତୁଳନତା ତ୍ରୁଟି ସଂଶୋଧନ ଦ୍ୱାରା ସାମାଜିକ ଏକତ୍ୱଭାବ ଓ ଜାତୀୟ ସଂହତି ସୁରକ୍ଷା ବାର୍ତ୍ତା ପ୍ରଚାର ତଥା ସାମାଜିକ ରୂପରେ ବଞ୍ଚିତ ବର୍ଗର ସ୍ୱାର୍ଥ ରକ୍ଷା କରିବା ।

## ୫. ସାକ୍ଷରତା ଓ ପ୍ରୌଢ଼ ଶିକ୍ଷାର ପ୍ରସାର

ଗଣ ନିରକ୍ଷରତା ଦୂରୀକରଣ ଏବଂ କାର୍ଯ୍ୟାତ୍ମକ ସାକ୍ଷରତା ନିମନ୍ତେ ବାଣିଜ୍ୟିକ ଓ ଶିଳ୍ପ ପ୍ରତିଷ୍ଠାନ କର୍ମଚାରୀଙ୍କୁ ନିରନ୍ତର ଶିକ୍ଷା ପ୍ରଦାନ । ମାଧ୍ୟମିକ ସ୍ତରରେ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ଏହି ସଂଯୋଗ ଜରୁରୀ ।

## ୬. ପୁସ୍ତକ ପ୍ରସ୍ତୁତି

ପିଲାମାନଙ୍କ ପାଇଁ ଉଚ୍ଚମାନର ପୁସ୍ତକ ଏବଂ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ନିମନ୍ତେ ସ୍ୱଳ୍ପ ମୂଲ୍ୟର ପୁସ୍ତକ ପ୍ରସ୍ତୁତ କରିବା ଏକାନ୍ତ ଆବଶ୍ୟକ ।

## ୭. ଖେଳ ଓ କ୍ରୀଡ଼ା

ଛାତ୍ରଛାତ୍ରୀଙ୍କ ଶାରୀରିକ ଯୋଗ୍ୟତା ଓ ଖେଳୁଆଡ ମନୋଭାବ ବୃଦ୍ଧି ପାଇଁ ଖେଳ ଓ କ୍ରୀଡ଼ାର ବିକାଶ କରିବା



ଟିପ୍ପଣୀ

## ୮. ସାମୟିକ ଶିକ୍ଷା ଓ ପତ୍ରବିନିମୟ ପାଠ୍ୟକ୍ରମ

ବିଶ୍ୱବିଦ୍ୟାଳୟ, ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ କର୍ମଜୀବୀଙ୍କ ପାଇଁ ପୂର୍ଣ୍ଣକାଳୀନ ପାଠ୍ୟକ୍ରମ ପରି ଉଚ୍ଚ ଧରଣର ସାମୟିକ ଶିକ୍ଷା ଓ ପତ୍ରବିନିମୟ ଶିକ୍ଷା ପାଠ୍ୟକ୍ରମ ପ୍ରସ୍ତୁତ କରିବା ଦେଶର ଶିକ୍ଷା ନୀତି ପ୍ରାୟ ଦୁଇ ଦଶନ୍ଧି ଧରି ଏହି ନୀତି ଦ୍ୱାରା ପରିଚାଳିତ ହୋଇଥିଲା । ଫଳରେ ଧୀର, ମନ୍ଥର ଗତିରେ ବିକାଶ ହୋଇଥିଲା । ମାତ୍ର ଏହି ସମୟରେ ଅନେକ ନୂଆ ନୂଆ କାର୍ଯ୍ୟକ୍ରମ ଏବଂ ଅଭ୍ୟାସର ଅୟମାରମ୍ଭ ମଧ୍ୟ ହୋଇଥିଲା । ଜାତୀୟ ସଂହତି ପ୍ରସଙ୍ଗରେ ଏହାର ସମୀକ୍ଷା କରାଯାଇଥିଲା ।

## ୨.୩.୨ ଜାତୀୟ ଶିକ୍ଷା ନୀତି (NPE) - ୧୯୮୬

ଏହି ନୀତିର ବିଶେଷତ୍ୱ ଥିଲା ଜାତୀୟ ସଂହତି ସୁରକ୍ଷା ଏବଂ ପାଠ୍ୟକ୍ରମର ଦଶଟି କେନ୍ଦ୍ରୀୟ ତତ୍ତ୍ୱ ଉପାଦାନକୁ ଗୁରୁତ୍ୱ ପ୍ରଦାନ । ଜାତୀୟ ଶିକ୍ଷା ବ୍ୟବସ୍ଥାକୁ ଏକ ଜାତୀୟ ପାଠ୍ୟକ୍ରମ ଆଧାରର ଭିତ୍ତିଭୂମିଭାବେ ଗ୍ରହଣ କରାଯାଇଥିଲା; ଯେଉଁଥିରେ ଏକ ସାଧାରଣ କେନ୍ଦ୍ରୀୟ ତତ୍ତ୍ୱ ଏବଂ ଅନ୍ୟାନ୍ୟ ନମନୀୟ ଅଂଶ ଥିଲା । ସାଧାରଣ କେନ୍ଦ୍ରୀୟ ତତ୍ତ୍ୱରେ ଜାତୀୟ ପରିଚୟର ସମୃଦ୍ଧି ନିମନ୍ତେ ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସ, ସାମ୍ବିଧାନିକ ଦାୟିତ୍ୱ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ସ୍ଥାନିତ ହୋଇଥିଲା । ଏହି ସବୁ ଉପାଦାନ(ତତ୍ତ୍ୱ)କୁ ବିଭିନ୍ନ ବିଷୟରୁ ଉଦ୍ଧାର କରାଯାଇ ଭାରତୀୟ ସାଧାରଣ ସାଂସ୍କୃତିକ ଐତିହ୍ୟ, ସମାନତା, ଗଣତନ୍ତ୍ର ଓ ଧର୍ମନିରପେକ୍ଷତା, ଲିଙ୍ଗଗତ ସମାନତା, ପରିବେଶ ସୁରକ୍ଷା, ସାମାଜିକ ପ୍ରତିବନ୍ଧକ ଦୂରୀକରଣ, ଛୋଟ ପରିବାର ମାନଦଣ୍ଡର ପାଳନ ଏବଂ ବୈଜ୍ଞାନିକ ମନୋଭାବର ଅନ୍ତର୍ନିବେଶିକରଣ ମୂଲ୍ୟବୋଧ ପ୍ରସାର ନିମନ୍ତେ ପ୍ରସ୍ତୁତ କରାଯାଇଥିଲା ।

ସମସ୍ତ ଶୈକ୍ଷିକ କାର୍ଯ୍ୟକ୍ରମକୁ କଡ଼ାକଡ଼ିଭାବେ ଧର୍ମନିରପେକ୍ଷତା ମୂଲ୍ୟବୋଧ ଆଧାରରେ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ରହିଥିଲା । ସମାନତାର ପ୍ରଚାର ପାଇଁ ସମସ୍ତଙ୍କୁ ସମାନ ସୁବିଧାସୁଯୋଗ ଉପଲବ୍ଧ କରାଇବା ଆବଶ୍ୟକ ଥିଲା; ଯାହା କେବଳ ପାଇବାରେ ନୁହେଁ, ସଫଳତା ସର୍ତ୍ତ ମଧ୍ୟ ପୂରଣ କରୁଥିଲା । ଏହା ବ୍ୟତୀତ, କେନ୍ଦ୍ରୀୟ ତତ୍ତ୍ୱ ପାଠ୍ୟକ୍ରମ ଜରିଆରେ ସମସ୍ତଙ୍କ ଅନ୍ତର୍ନିହିତ ସମାନତା ସଂକ୍ରାନ୍ତରେ ସଚେତନତା ସୃଷ୍ଟି ଆଶା କରାଯାଇଥିଲା । ସାମାଜିକ ପରିବେଶ ଏବଂ ଅନାନ୍ୟା କରଣରୁ ସୃଷ୍ଟି ହେଉଥିବା ପୂର୍ବ ଧାରଣା ଓ ଜଟିଳତା ଦୁରକରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

**ଏହି ନୀତିର ବୈଶିଷ୍ଟ୍ୟଗୁଡ଼ିକ ହେଲା:**

୧. ସାଧାରଣ ଶିକ୍ଷାଗତ ସ୍ୱରୂପ(*Structure*)

୨. ଦଶଟି ସାଧାରଣ କେନ୍ଦ୍ରୀୟତତ୍ତ୍ୱ ଉପାଦାନ ସହ ଜାତୀୟ ପାଠ୍ୟକ୍ରମ ରୂପରେଖ (*Framework*)

ଟିପ୍ପଣୀ

୩. ସମସ୍ତଙ୍କ ପାଇଁ ସମାନ ଶୈକ୍ଷିକ ସୁଯୋଗ
୪. ପ୍ରୌଢ଼ ଶିକ୍ଷାର ପ୍ରଚାର
୫. ଶିକ୍ଷାରେ ବୈଜ୍ଞାନିକ ଓ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ
୬. *UEE* ପାଇଁ କଳାପଟା ଅଭିଯାନ
୭. ସର୍ବନିମ୍ନ ଶିକ୍ଷଣ ସ୍ତର
୮. ନବୋଦୟ ବିଦ୍ୟାଳୟମାନଙ୍କର ସମୃଦ୍ଧିକରଣ
୯. ଧନ୍ଦାମୂଳକ ଶିକ୍ଷା ପ୍ରଚଳନ
୧୦. ଶିକ୍ଷକଙ୍କ ସ୍ଥିତିରେ ଉନ୍ନତି
୧୧. ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ପରିବେଶ ସମସ୍ୟା ସଂକ୍ରାନ୍ତରେ ସଚେତନତା ସୃଷ୍ଟି
୧୨. ଶିକ୍ଷାରେ ଉତ୍ତରଦାୟିତ୍ୱ

ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ(*UEE*) ଏବଂ ଜାତୀୟ ଗୁରୁତ୍ୱ ବହନ କରୁଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଏହିସବୁ ନୀତି ସୁଦୃଢ଼ ଆଧାର ଯୋଗାଇଥିଲା । ଅଧିକ ସଫଳତା ହାସଲ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ପାଇଁ ଏହି ନୀତିକୁ ୧୯୯୨ରେ ପୁନର୍ବାର ପରିବର୍ତ୍ତନ କରାଯାଇଥିଲା ।

## ୨.୩.୩ ପ୍ରାରମ୍ଭିକ ଶିକ୍ଷାର ସମସ୍ୟା

ଶୈକ୍ଷିକ ପ୍ରସଙ୍ଗର ବିଭିନ୍ନ ଚିନ୍ତା ବିଶେଷକରି ପ୍ରାଥମିକ ଶିକ୍ଷା ପ୍ରସଙ୍ଗରେ ବିଭିନ୍ନ କମିଶନ୍ ଓ ଜାତୀୟ ନୀତିରୁ ବାଦ୍ ପଡ଼ିଯାଇଥିବା ସମସ୍ୟା ଗୁଡ଼ିକ ହେଲା:

- **କମ୍ ସଂଖ୍ୟାରେ ପଞ୍ଜିକରଣ:** ପ୍ରାଥମିକ ବିଦ୍ୟାଳୟରେ ମୋଟ ପଞ୍ଜିକରଣ ଅତ୍ୟନ୍ତ କମ୍ । ଦୂରତା ଏବଂ ଅନ୍ୟାନ୍ୟ ବାସ୍ତବ ସୁବିଧା ସୁଯୋଗ ଅଭାବରୁ ବିଦ୍ୟାଳୟ ବାହାରେ ରହୁଥିବା ପିଲାମାନେ ବିଦ୍ୟାଳୟରେ ନାମ ଲେଖାଇପାରୁନାହାନ୍ତି ।

- **ଅଧିକ ପିଲା ଅଧାରୁ ପାଠ ଛାଡ଼ିବା:** ପିଲାମାନେ ଅନେକ କାରଣ ପାଇଁ ଅଧାରୁ ପାଠ ଛାଡ଼ିଥାନ୍ତି; କାମ କରି ଅର୍ଥ ରୋଜଗାର କରିବା ଏହାର ପ୍ରମୁଖ କାରଣ । ଅଧାରୁ ପାଠ ଛାଡୁଥିବା ପିଲା ସଂଖ୍ୟାର ଅଧିକାଂଶ ବାଳିକା । ଘରେ ରହି ଘର କାମରେ ସହଯୋଗ କରିବାକୁ ପିତାମାତାଙ୍କ ଚାପରେ ସେମାନେ ପାଠ ଛାଡ଼ିଥାନ୍ତି ।

- ଗ୍ରାମାଂଚଳରେ ବସବାସ କରୁଥିବା ପିଲାମାନେ ଅଣ ତାଲିମପ୍ରାପ୍ତ ଓ କମ ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷକଙ୍କ ଯୋଗୁ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହୋଇଥାନ୍ତି । ଗ୍ରାମାଞ୍ଚଳ ଶିକ୍ଷକଙ୍କ ବୃତ୍ତିଗତ

ତାଲିମ ପାଇଁ ଉଭୟ ସରକାରୀ ଓ ଘରୋଇ ସ୍ତରରେ ଉଦ୍ୟମ ଯୋଗୁ ଏହି କିଛି ବର୍ଷ ମଧ୍ୟରେ ତାଲିମ ପ୍ରାପ୍ତ ଶିକ୍ଷକଙ୍କ ସଂଖ୍ୟା ବୃଦ୍ଧି ପାଇଛି ।

- ଉଚ୍ଚ ଛାତ୍ର-ଶିକ୍ଷକ ହାର ପାଇଁ ରାଜ୍ୟ ସରକାରଙ୍କ ଆଇନ ଯୋଗୁ ଗ୍ରାମାଞ୍ଚଳ ବିଦ୍ୟାଳୟ ପାଇଁ ଅଧିକ ଶିକ୍ଷକ ପାଇବା କଷ୍ଟକର ହେଉଛି ।

- ନିମ୍ନ ମାନର ଶିକ୍ଷାଦାନ ଯୋଗୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ମାନ ମଧ୍ୟ ସନ୍ତୋଷଜନକ ନୁହେଁ । ବିଦ୍ୟାଳୟ କାର୍ଯ୍ୟକ୍ରମକୁ ଶକ୍ତିଶାଳୀ ଉପଯୁକ୍ତ କରୁଥିବା ନିର୍ଦ୍ଦେଶନା ସୁବିଧା ଏବଂ ଅଭ୍ୟାସର ଅଭାବ ରହିଛି ।

- ପ୍ରାକ୍ ପ୍ରାଥମିକ ଓ ପ୍ରାରମ୍ଭିକ ସ୍ତରରେ ନେତୃତ୍ୱ ଓ ତଦାରଖକୁ ସୁଦୃଢ଼ କରିବା ପାଇଁ ବହୁ ସଂଖ୍ୟକ ଶିକ୍ଷକ, ପ୍ରଧାନଶିକ୍ଷକ ଏବଂ ପର୍ଯ୍ୟବେକ୍ଷକଙ୍କୁ ବୃତ୍ତିଗତ ତାଲିମ ଏବଂ ପୁନଃ ତାଲିମ ପ୍ରଦାନର ଆବଶ୍ୟକତା ରହିଛି ।

- ପ୍ରଚଳିତ ପରୀକ୍ଷା ପଦ୍ଧତି ବଦଳରେ *Continuous and Comprehensive Evaluation(CCE)* ପରି ବିକଳ୍ପ ବ୍ୟବସ୍ଥା ପ୍ରଚଳନ

- **ଅସମାନତା:** ଲିଙ୍ଗଗତ ବିଭେଦତା, ଗ୍ରାମାଞ୍ଚଳ-ସହରାଞ୍ଚଳ ବିଭେଦ, ଆଞ୍ଚଳିକ ଅସମାନତା ଇତ୍ୟାଦିର କୁପ୍ରଭାବ,
- *Information and communication Technelogy (ICT)* ପ୍ରତି ଶିକ୍ଷକଙ୍କ ସକରାତ୍ମକ ମନୋଭାବ ଗଠନ କରାଇବାର ଆବଶ୍ୟକତା ।

## ୨.୪ ଆଠ ବର୍ଷିଆ ପ୍ରାରମ୍ଭିକ ଶିକ୍ଷାର ସ୍ୱରୂପ

### ଶିକ୍ଷାଗତ ସ୍ୱରୂପ

ଦେଶବ୍ୟାପୀ ଗୋଟିଏ ପ୍ରକାରର ଶିକ୍ଷାଗତ ସ୍ୱରୂପ ଲାଭଦାୟକ ବୋଲି ଚିନ୍ତା କରାଗଲା । ଏଣୁ ସର୍ବଶ୍ରେଷ୍ଠ ଲକ୍ଷ୍ୟଭାବେ ୧୦+୨+୩ ଶିକ୍ଷା ବ୍ୟବସ୍ଥାକୁ ଗ୍ରହଣ କରାଗଲା; ଯେଉଁଥିରେ ସ୍ଥାନୀୟ ସ୍ଥିତିକୁ ଦେଖି ଦୁଇ ବର୍ଷିଆ ଉଚ୍ଚ ମାଧ୍ୟମିକ ଶିକ୍ଷାକୁ ବିଦ୍ୟାଳୟ ବା ମହାବିଦ୍ୟାଳୟ ବା ଉଭୟରେ ସ୍ଥାନିତ କରାଗଲା ।

ଟିପ୍ପଣୀ

ଜାତୀୟ ଶିକ୍ଷା ବ୍ୟବସ୍ଥା, କୋଠାରୀ କମିସନ୍‌ଙ୍କ ସୁପାରିଶ ଅନୁସାରେ ୧୦+୨+୩ ଢାଞ୍ଚାର ଏକ ସାଧାରଣ ଶୈକ୍ଷିକ ରୂପ ପରିକଳ୍ପନା କରିଛି । ବିଦ୍ୟାଳୟ ଶିକ୍ଷାର ଏହି ଏକକ ସ୍ୱରୂପକୁ ଦେଶବ୍ୟାପୀ ଗ୍ରହଣ କରାଯାଇଛି । ପରନ୍ତୁ, ପ୍ରାଦେଶିକ ସ୍ତରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଶ୍ରେଣୀ ସଂଖ୍ୟା, ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ବୟସ, ଶିକ୍ଷାଦାନର ମାଧ୍ୟମ, ସାଧାରଣ ପରୀକ୍ଷା, ହିନ୍ଦୀ ଓ ଇଂରାଜୀ ଶିକ୍ଷାଦାନ, ବାର୍ଷିକ କାର୍ଯ୍ୟ ଦିବସ ସଂଖ୍ୟା, ଶିକ୍ଷା ବର୍ଷ, ଅବକାଶ ସମୟ, ଫିସ୍ ଓ ବାଧ୍ୟତାମୂଳକ ଶିକ୍ଷା ଆଦିକୁ ନେଇ କେତେକ ତାରତମ୍ୟ ରହିଛି ।

ନିମ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ କିମ୍ବା ମଧ୍ୟମ ସ୍ତରକୁ ନେଇ ପ୍ରାଥମିକ ଶିକ୍ଷା ଗଠିତ । ପ୍ରାଥମିକ ଶିକ୍ଷାର ପ୍ରଥମ ଦଶ ବର୍ଷକୁ ପୁଣି ବିଭାଜନ କରାଯାଇ ୫ ବର୍ଷିଆ ପ୍ରାଥମିକ ଓ ୩ ବର୍ଷିଆ ଉଚ୍ଚ ପ୍ରାଥମିକ ଶିକ୍ଷାକୁ ନେଇ ପ୍ରାଥମିକ ଶିକ୍ଷା ଏବଂ ଅନ୍ୟ ଦୁଇ ବର୍ଷକୁ ନେଇ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା ହୋଇଛି । ନିମ୍ନ ଟେବୁଲ୍‌ରେ ଅଧିକାଂଶ ରାଜ୍ୟର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ବିଭାଜନ ଦର୍ଶାଯାଇଛି:

**ଟେବୁଲ୍ ୨.୧**

**ଭାରତରେ ବିଦ୍ୟାଳୟ ଶିକ୍ଷାର ସ୍ୱରୂପ**

| **ସ୍କୁଲିଂ ସ୍ତର** | ପ୍ରାକ୍ ପ୍ରାଥମିକ | ନିମ୍ନ ପ୍ରାଥମିକ | ଉଚ୍ଚ ପ୍ରାଥମିକ | ମାଧ୍ୟମିକ | ଉଚ୍ଚ ମାଧ୍ୟମିକ ପ୍ରାଥମିକ |
|---|---|---|---|---|---|
| **ଗ୍ରେଡ୍** | ନର୍ସରୀ, *LKG/UKG* | ୧ରୁ ୫ | ୬ ରୁ ୮ | ୯ ରୁ ୧୦ | ୧୧ରୁ ୧୨ |
| **କାର୍ଯ୍ୟକ୍ରମର ଅବଧି** | ୩ ବର୍ଷ | ୫ ବର୍ଷ | ୩ ବର୍ଷ | ୨ ବର୍ଷ | ୨ ବର୍ଷ |
| **ବୟସ** | ୩ରୁ ୬ରେ ପ୍ରବେଶ | ୬ରୁ ୧୧ ବର୍ଷ | ୧୧ରୁ ୧୪ ବର୍ଷ | ୧୪ରୁ ୧୬ ବର୍ଷ | ୧୬ରୁ ୧୮ ବର୍ଷ |

**ପ୍ରାକ୍-ପ୍ରାଥମିକ :** ପ୍ରାକ୍-ପ୍ରାଥମିକ ଶିକ୍ଷା ଭାରତୀୟ ଶିକ୍ଷା ବ୍ୟବସ୍ଥାର ବିସ୍ତାରିତ ସ୍ୱରୂପରେ ଶିକ୍ଷଣର ଆଧାର ଅଟେ । ଏହା ନର୍ସରୀ, ଲୋୟର କିଣ୍ଡରଗାର୍ଟନ୍ (*LKG*) ଏବଂ ଅପର କିଣ୍ଡରଗାର୍ଟନ୍ (*UKG*)ଭାବେ ବିଭାଜିତ । ଏହି ସ୍ତରରେ ବିଦ୍ୟାର୍ଥୀ ଔପଚାରିକ ଭାବେ ବିଦ୍ୟାଳୟ ଜୀବନ, ପଠନ ଓ ଲିଖନ ସହ ଅଭ୍ୟସ୍ତ ହୋଇଥାଏ । ଏହି ଶିକ୍ଷା ୩ ରୁ ୫ ବର୍ଷ ବୟସର ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ।

**ନିମ୍ନ ପ୍ରାଥମିକ:** ଜଣେ ଶିଶୁ ଅପର କିଣ୍ଡରଗାର୍ଟେନ୍ ଶିକ୍ଷା ଶେଷ କରି ବା ସିଧାସଳଖ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶ୍ରେଣୀରେ ନାମ ଲେଖାଇ ପାରିବ । ନିମ୍ନ ପ୍ରାଥମିକ ସ୍ତରରେ ବିଦ୍ୟାର୍ଥୀମାନେ ବିଭିନ୍ନ ବିଷୟ ସମ୍ପର୍କରେ ଧାରଣା ପାଇଥାନ୍ତି । ପ୍ରାଥମିକ ବିଦ୍ୟାଳୟ ପାଠ୍ୟକ୍ରମ ସାଧାରଣ ଶିକ୍ଷାକୁ ଗୁରୁତ୍ୱ ଦେଇଥାଏ । ଏହି ସ୍ତରରେ ପଠନ, ଲିଖନ, ଗଣିତ ପ୍ରଭୃତି ବିଷୟ ସମେତ ଇତିହାସ, ନଗରବିଜ୍ଞାନ ଏବଂ ଭୂଗୋଳ ଓ ପରିବେଶ ବିଜ୍ଞାନ ଶିକ୍ଷା ଦିଆଯାଏ । ଅଧିକାଂଶ ରାଜ୍ୟରେ ୬ରୁ ୧୧ ବର୍ଷର ପିଲାମାନେ ଏହି ସ୍ତରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥାନ୍ତି । ପରନ୍ତୁ, କେତେକ ରାଜ୍ୟରେ ଏହି ସ୍ତରର ଶିକ୍ଷା ପ୍ରଥମରୁ ଚତୁର୍ଥକୁ ନେଇ ଗଠିତ । ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ମାଧ୍ୟମ ସାଧାରଣତଃ ମାତୃଭାଷା, ହିନ୍ଦୀ ବା କୌଣସି ଏକ ଆଞ୍ଚଳିକ ଭାଷା ଅଟେ ।

**ଉଚ୍ଚ ପ୍ରାଥମିକ:** ଷଷ୍ଠରୁ ଅଷ୍ଟମ ଶ୍ରେଣୀକୁ ନେଇ ଉଚ୍ଚ ପ୍ରାଥମିକ ସ୍ତର ଗଠିତ । ଉଚ୍ଚ ପ୍ରାଥମିକ ସ୍ତରରୁ ଇଂରାଜୀ କିମ୍ବା ହିନ୍ଦୀ ବା ଉଭୟ (ଯଦି ହିନ୍ଦୀ ମାତୃଭାଷା ହୋଇନଥାଏ) ଭାଷା ପ୍ରଚଳନ କରାଯାଇଛି । ପଞ୍ଚମ ଶ୍ରେଣୀଠାରୁ ଉପର ଶ୍ରେଣୀ ପର୍ଯ୍ୟନ୍ତ ଇଂରାଜୀ ଭାଷା ପ୍ରଚଳନ କାରାଯାଉଛି ।

## ୨.୫ ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ

କୌଣସି ଜାତୀୟ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ଚାହିଦା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାଧାରଣ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ କରାଯାଇଥାଏ । ଭାରତରେ ମଧ୍ୟ ବିଭିନ୍ନ ନୀତିକୁ ଧ୍ୟାନରେ ରଖି ସମୟକୁ ସମୟ ଜାତୀୟ ପାଠ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି ଓ ଦେଶବ୍ୟାପୀ କାର୍ଯ୍ୟକାରୀ କରାଯାଇଛି । ଜାତୀୟ ଲକ୍ଷ୍ୟ ହାସଲକୁ ବିଚାରକୁ ନେଇ ସେହି ରୂପରେଖକୁ ପରବର୍ତ୍ତୀ ସମୟରେ ସମୀକ୍ଷା କରାଯାଇଥାଏ । ଦେଶରେ କାର୍ଯ୍ୟକାରୀ ହୋଇଥିବା ସଦ୍ୟତମ ଜାତୀୟ ପାଠ୍ୟକ୍ରମ ରୂପରେଖକୁ ଆମେ ଅନୁଧ୍ୟାନ କରିବା ।

### ୨.୫.୧ ଜାତୀୟ ପାଠ୍ୟକ୍ରମ ରୂପରେଖ (NCF ୨୦୦୫)

ଏକ ଜାତୀୟ ଶିକ୍ଷା ବ୍ୟବସ୍ଥାର ଅଭ୍ୟୁଦୟ ନିମନ୍ତେ '*NPE*-୧୯୮୬,୧୯୯୨,ପାଠ୍ୟକ୍ରମକୁ ଏକ ମାଧ୍ୟମ ଭାବରେ ନେବା ପାଇଁଏକ ଜାତୀୟ ରୂପରେଖ ପ୍ରସ୍ତାବ ଦେଇଥିଲେ । "ଜାତୀୟ ଶିକ୍ଷାନିତୀ -ପ୍ରୋଗ୍ରାମ ଅଫ୍ ଆକ୍ସନ (*Programme of Action*)(*POA*) ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ସାର୍ବଜନୀନ ନାମଲେଖା ଏବଂ ସାର୍ବଜନୀନ ଧାରଣ (*Retention*) ତଥା ବିଦ୍ୟାଳୟରେ ଉନ୍ନତ ମାନର ଶିକ୍ଷାଦାନ ପାଇଁ ଏକ ଶିଶୁ-କୈନ୍ଦ୍ରିକ ଦୃଷ୍ଟିକୋଣ ପରିକଳ୍ପନା କରିଛି" ।(*PoA. P.77*) ଶିକ୍ଷା ବ୍ୟବସ୍ଥାର ଆଧୁନିକୀରଣ ପାଇଁ ଜାତୀୟ ପାଠ୍ୟକ୍ରମର ରୁପରେଖକୁ ଏକ ସାଧନ ଭାବେ ପରିକଳ୍ପନା କରାଯାଇଥିଲା । ଜାତୀୟ ପାଠ୍ୟକ୍ରମ ରୂପରେଖ୨୦୦୫, ମୁଦାଲିଆର୍ କମିସନ୍ ଓ କୋଠାରୀ କମିସନ୍ଙ୍କ ସୁପାରିଶ୍‌କୁ ସମୀକ୍ଷା ଅନୁସରଣ କରି ପାଠ୍ୟକ୍ରମ



ଟିପ୍ପଣୀ

ରୂପରେଖ ୧୯୭୫, ୧୯୮୮ ଏବଂ ୨୦୦୦ର ସମୀକ୍ଷା କରିଥିଲା । ଏହା 'ବିନା ବୋଝରେ ଶିକ୍ଷଣ' ରିପୋର୍ଟ (୧୯୯୩) ଏବଂ ପାଠ୍ୟକ୍ରମ ବୋଝ ସଂକ୍ରାନ୍ତରେ ଅନୁଧ୍ୟାନ କରିଥିବା ଜାତୀୟ ଶିକ୍ଷା ନୀତି ୧୯୮୬ରୁ ଅଧିକ ତଥ୍ୟ ସଂଗ୍ରହ କରିଥିଲା ।

ଏହି ସମସ୍ତ ନୀତି ଏବଂ ଯଶପାଲ କମିଟି ସୁପାରିଶକୁ ବିଚାର କରି ଏକ ନୂତନ, ପରିବର୍ତ୍ତିତ ଜାତୀୟ ପାଠ୍ୟକ୍ରମ ରୁପରେଖ ୨୦୦୫ରେ ପ୍ରସ୍ତୁତ ହୋଇଥିଲା; ଯାହା ଆଜି ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯାଉଛି । *NCF* ୨୦୦୫ ପିଲାଙ୍କ ଉପରେ ପାଠ୍ୟକ୍ରମର ବୋଝକୁ ଗଭୀରତାର ସହ ଅନୁଧ୍ୟାନ କରି ଏକ ରୂପରେଖ ପ୍ରସ୍ତୁତ କରିଥିଲା, ଯେଉଁଥିରେ ଶିକ୍ଷାଦାନ ପାଇଁ ଉପଯୁକ୍ତ ଶିକ୍ଷଣ ଅଭିଜ୍ଞତାକୁ ଶିକ୍ଷକମାନେ ସ୍ୱାଧୀନଭାବେ ବାଛି ପାରିବେ ଓ ପରିବେଷଣ ମଧ୍ୟ କରିପାରିବେ, ଯାହାକି ଉତ୍ତମ ଶିକ୍ଷଣ ପାଇଁ ଅବଶ୍ୟକ ବୋଲି ସେମାନେ ଭାବିବେ । ଏହା ଶୈକ୍ଷିକ ଉଦ୍ଦେଶ୍ୟକୁ ଫଳବତୀ କରିବା ପାଇଁ  ଆବଶ୍ୟକ ଅଭିଜ୍ଞତା ଯୋଗାଇବାରେ ସହାୟକ ଯୋଗ୍ୟ ପାଠ୍ୟକ୍ରମ କାର୍ଯ୍ୟକୁ ଏକ ରୂପରେଖ ଭାବେ ବିଚାର କରିଥିଲା । ଗଣମାଧ୍ୟମ ଓ ଶୈକ୍ଷିକ ଜ୍ଞାନକୌଶଳ ପାଠ୍ୟକ୍ରମ କାଯ୍ୟକାରୀ ହେବାପାଇଁ ଏକ ପ୍ରଭାବୀ ମାଧ୍ୟମ ବୋଲି ପରିଗଣିତ ହୋଇଥିଲା । ଏହା ଦ୍ୱାରା ପିଲାମାନେ ମଧ ବୁଝିପାରିବେ କିପରି ସେମାନେ ସେମାନଙ୍କର ଜ୍ଞାନ କୌଶଳ ବୃଦ୍ଧି କରିପାରିବେ । ଫଳରେ ଶିକ୍ଷାଦାନ ସୁସ୍ଥ, ରଚନାତ୍ମକ ଏବଂ ମନୋରଞ୍ଜକ ହୋଇପାରିବ ।

ସଂଶୋଧିତ *NCF* (ଏନ୍‌ସିଏଫ୍)ର ବୈଶିଷ୍ଟ୍ୟ ଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା:

**ମାର୍ଗଦର୍ଶକ ସିଦ୍ଧାନ୍ତ**

ଅତୀତରେ ବିଭିନ୍ନ କମିସନ୍ ବ୍ୟକ୍ତ କରିଥିବା ଅନେକ ଉତ୍ତମ ବିଚାରଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଏବଂ ଏହାକୁ ଶିଶୁମାନଙ୍କ କ୍ଷେତ୍ରରେ ସନ୍ନିବେଶିତ ଓ ଅର୍ଥପୂର୍ଣ୍ଣ ଅନୁଭବ କରିବା ପାଇଁ*NCF* ପ୍ରଯତ୍ନ କରିଛି । *NCF* ପାଠ୍ୟକ୍ରମ ବିକାଶ ପାଇଁ ଚାରିଟି ମାର୍ଗଦର୍ଶକ ସିଦ୍ଧାନ୍ତ ଉପରେ ଆଧାରିତ । ସେଗୁଡ଼ିକ ହେଲା-(କ) ବିଦ୍ୟାଳୟ ବାହାରେ ଜୀବନ ସହ ଜ୍ଞାନର ସଂଯୋଗ, (ଖ) ଘୋଷା ପଦ୍ଧତିରୁ ଶିକ୍ଷଣକୁ ଦୂରେଇବା, (ଗ) ପାଠ୍ୟ ପୁସ୍ତକ ବାହାରର ବିଷୟବସ୍ତୁ ସହ ପାଠ୍ୟକ୍ରମକୁ ସମୃଦ୍ଧ କରିବା ଏବଂ (ଘ) ପରୀକ୍ଷାକୁ ଅଧିକ ସରଳ ଓ ନମନୀୟ କରିବା ।

*NCF*-୨୦୦୫ ପାଇଁ ଶିଶୁକୁ ଜ୍ଞାନର ଏକ ନିରବ ପ୍ରାପକ ସଂକ୍ରାନ୍ତ ଧାରଣା ଅଗ୍ରହଣୀୟ ଥିଲା ଏବଂ ଶିଶୁକୁ ଜ୍ଞାନ ସୃଷ୍ଟି ଏବଂ ବୃଦ୍ଧିର ଜଣେ ସକ୍ରିୟ ଅଂଶଗ୍ରହଣକାରୀ କରାଯାଇ ପାରିବ ବୋଲି ଗୁରୁତ୍ୱାରୋପ କରିଥିଲା । ଏଥିପାଇଁ ବିଦ୍ୟାଳୟ ଭିତରେ  ଶିଶୁ  କଣ ଶିଖୁଛି ଏବଂ ବାହାରେ ଘଟୁଥିବା ଘଟଣାସହ ଏହାର କଣ ସଂପର୍କ ଅଛି ଏକଥା ଜାଣିବା ପାଇଁ ଶିଶୁକୁ ତାର ଅଭିଜ୍ଞତା





ଭିତ୍ତିରେ କୌଣସି ବିଷୟକୁ ନଘୋଷାଇ ନିଜ ଭାଷାରେ ତଥା ନିଜ ଶବ୍ଦରେ ପ୍ରଶ୍ନ-ଉତ୍ତର କରିବା ପାଇଁ ଉତ୍ସାହିତ କରିବା ଉଚିତ୍ ।

ଏହା ଦର୍ଶାଇଥିଲା ଯେ ସହପାଠି ବିଦ୍ୱାନ ବ୍ୟକ୍ତି, ଶିକ୍ଷକ ଏବଂ ବୟସ୍କ ଓ ଯୁବକଙ୍କ ସହ ଆଳାପ ଆଲୋଚନା ଅନେକ ମୂଲ୍ୟବାନ ଶିକ୍ଷଣ ସମ୍ଭାବନାକୁ ଉଜ୍ଜୀବିତ କରିଥାଏ । ତେଣୁ,ପାଠ୍ୟପୁସ୍ତକ ବ୍ୟତିରେକ ଅନ୍ୟ ଉତ୍ସ ଯଥା- ନିଜ ଅଭିଜ୍ଞତା, ଘର ଅଭିଜ୍ଞତା, ଗୋଷ୍ଠୀ, ପାଠାଗାର ଇତ୍ୟାଦିରୁ ପିଲାଙ୍କ ଜ୍ଞାନ ଆହରଣ ନିଶ୍ଚିତ କରିବା ନିମନ୍ତେ ଶିକ୍ଷଣ କାର୍ଯ୍ୟ ଏବଂ ପ୍ରଶ୍ନାବଳୀ ପ୍ରସ୍ତୁତ କରାଯିବା ଆବଶ୍ୟକ । ଏଣୁ ପାଠ ଯୋଜନାର ଦୃଷ୍ଟିକୋଣ '*Herbertian*' ପାଠ୍ୟଦାନ ପରିବର୍ତ୍ତେ ରଚନାତ୍ମକ ଶିକ୍ଷା ହେବା ଏବଂ ଯୋଜନାର କାର୍ଯ୍ୟକଳାପ ସଂକ୍ରାନ୍ତରେ ପିଲାମାନଙ୍କୁ ଚିନ୍ତା କରିବା ଓ ଉଦ୍ୟମ କରିବାକୁ ଆହ୍ୱାନ କରୁଥିବା ଆବଶ୍ୟକ ।

*NCF*-୨୦୦୫ ସାମ୍ପ୍ରତିକ ସମୟରେ ଶିକ୍ଷାକୁ ଅଧିକ ପ୍ରାସଙ୍ଗିକ କରିବା ଏବଂ ପିଲାଙ୍କ ଭବିଷ୍ୟତର ଚାହିଦା ପୂରଣ ପାଇଁ ଭାଷା, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ପରବର୍ତ୍ତନ ପାଇଁ ସୁପାରିଶ କରିଥିଲେ । ଭାଷା କ୍ଷେତ୍ରରେ ମାତୃଭାଷାକୁ ଶିକ୍ଷାଦାନର ମାଧ୍ୟମ କରିବା ସହ ତ୍ରି-ଭାଷୀ ସୂତ୍ର କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ଭାଷା ଶିକ୍ଷାକୁ ପ୍ରତ୍ୟେକ ବିଷୟର ଅବିଚ୍ଛେଦ୍ୟ ଅଙ୍ଗଭାବେ ଏହା ଅଧିକ ଗୁରୁତ୍ୱ ଦେଇଥିଲେ । ଏଣୁ, ପାଠ୍ୟକ୍ରମର ଅନ୍ୟ ସମସ୍ତ କ୍ଷେତ୍ରରେ ପିଲାର ବିକାଶରେ ମୁଖ୍ୟଭୂମିକା ଗ୍ରହଣ କରୁଥିବା ପଠନ, ଲିଖନ, ଶ୍ରବଣ ଏବଂ କଥନ କୌଶଳ ଶିକ୍ଷଣର ବିଶେଷ ଧ୍ୟାନ ଦେବେ ଉଚିତ ।

ଇଂରାଜୀ, ଗଣିତ ଓ ବିଜ୍ଞାନ ତିନୋଟି ଯାକ ମୂଳତତ୍ତ୍ୱ ବିଷୟ ଥିଲା; ଯେଉଁଥିରେ ପ୍ରାୟ ୫୦% ପିଲା ଅସଫଳ ହେଉଥିଲେ । ଏହା ସମ୍ଭବତଃ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ଦୁର୍ବଳତା ଥିଲା । ଜାତୀୟ ପାଠ୍ୟକ୍ରମର ରୂପରେଖ(*NCF*) ଏହି ସମସ୍ୟାକୁ ଗୁରୁତ୍ୱ ଦେଇଥିଲା । ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପାଠ୍ୟକ୍ରମରେ ବିଜ୍ଞାନ ଶିକ୍ଷାକୁ ଅଧିକ ପ୍ରୟୋଗାତ୍ମକ କରିବାକୁ ଅଧିକ ଧ୍ୟାନ ଦେବାପାଇଁ ମତ ପ୍ରକାଶ ପାଇଥିଲା । ପରୀକ୍ଷଣ(*Experimentation*) ସଂସ୍କୃତିକୁ ଉଚ୍ଚମାନର କରିବା ପାଇଁ ବାହ୍ୟ ପରୀକ୍ଷା ଉପରେ ଗୁରୁତ୍ୱ ନଦେଇ ସ୍କୁଲ ପାଠାଗାର, ବିଜ୍ଞାନଗାର, ଓ କର୍ମଶାଳାଗୁଡ଼ିକୁ ବିକଶିତ କରିବା ପାଇଁ ମତ ପ୍ରକାଶ ପାଇଥିଲା । ଏହା ସହିତ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷଣ ଓ ଜନସାଧାରଣଙ୍କ ଡାଟାବେସ୍ ଆଧାରରେ ନିଆଯାଇପାରିବ ।

ପିଲାର ଚିନ୍ତନ ସାମର୍ଥ୍ୟ, କାରଣ ନିର୍ଣ୍ଣୟ କ୍ଷମତା, କଳ୍ପନା ଅସ୍ଥିରତାକୁ ନିୟନ୍ତ୍ରଣ ଏବଂ ସମସ୍ୟା ସୃଷ୍ଟି ଓ ସମାଧାନରେ ଦକ୍ଷତା ବୃଦ୍ଧିରେ ଗଣିତ ଶିକ୍ଷାର ସହାୟକ ହେବା ଆବଶ୍ୟକ । ଦୈନନ୍ଦିନ ଜୀବନର ଅଭିଜ୍ଞତାର ପରୀକ୍ଷଣ ଓ ବିଶ୍ଳେଷଣ କରିବାରେ ପିଲାକୁ ସକ୍ଷମ କରାଇବା ପାଇଁ ବିଜ୍ଞାନ ଶିକ୍ଷାର ପୁନର୍ବିନ୍ୟାସ ହେବା ଉଚିତ । ପରିବେଶ ଶିକ୍ଷା ପ୍ରତ୍ୟେକ ବିଷୟର ଅଂଶ ହେବା ଆବଶ୍ୟକ ।

ଟିପ୍ପଣୀ

ସାମାଜିକ ବିଜ୍ଞାନ ଅଧ୍ୟୟନ ଉପେକ୍ଷିତ ବର୍ଗଙ୍କ ଆଭିମୁଖ୍ୟର ପୁନର୍ନିର୍ଦ୍ଧାରଣ କରିପାରିବ ବୋଲି ମତବ୍ୟକ୍ତ କରାଯାଇଥିଲା । ଲିଙ୍ଗଗତ ସମାନତା ଏବଂ ଜନଜାତି ଓ ଦଳିତ ସମସ୍ୟା ତଥା ସଂଖ୍ୟାଲଘୁଙ୍କ ପ୍ରତି ସମ୍ବେଦନଶୀଳତା ପୋଷଣ ପାଇଁ ସୁପାରିଶ କରାଯାଇଥିଲା ।

*NCF* ୨୦୦୫ ଦଲିଲ୍ ,କାର୍ଯ୍ୟ ଓ ଶିକ୍ଷା ନିମନ୍ତେ ଅଧିକ ଧ୍ୟାନ ଆକର୍ଷଣ କରିଥିଲା । ଏହା ଅନୁସାରେ, ଗାଣତନ୍ତ୍ରିକ ଶୃଙ୍ଖଳା ଆବଶ୍ୟକତା ପାଇଁ କାର୍ଯ୍ୟକୁ ଜ୍ଞାନ ଓ ଉପଯୋଗର ନୂତନ ସୃଷ୍ଟିଭାବେ ବିବେଚନା କରାଯିବା ଆବଶ୍ୟକ । କାର୍ଯ୍ୟ ଶିକ୍ଷାକୁ ବିଶେଷଭାବେ ଐତିହ୍ୟ ଶିଳ୍ପ ସହ ଯୋଡ଼ାଯିବା ଆବଶ୍ୟକ, କାରଣ ଶିଳ୍ପାଞ୍ଚଳରେ କାର୍ଯ୍ୟ କରିବା ପାଇଁ କାର୍ଯ୍ୟ ଶିକ୍ଷାର ନକସା ତିଆରିର ଆବଶ୍ୟକତା ରହିଛି । ଏହା ଦ୍ୱାରା ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପଦର ଏହି ଗୁରୁତ୍ୱପୂର୍ଣ୍ଣ ଉତ୍ସକୁ ଶିକ୍ଷା ସହ ଯୋଡ଼ାଯାଇ ଉପଯୁକ୍ତ ବିନିଯୋଗ କରିହେବ ।
ଏହା ମଧ୍ୟ ପାଠ୍ୟକ୍ରମ ଉତ୍ସ ଏବଂ ଶିକ୍ଷଣ ସାଧନ ଯଥା- ପାଠ, ପୁସ୍ତକ, ପାଠାଗାର, ଶୈକ୍ଷିକ ଜ୍ଞାନକୌଶଳ, ଉପକରଣ ଓ ପରୀକ୍ଷାଗାର ଇତ୍ୟାଦି ବିଷୟରେ ସବିଶେଷ ଆଲୋଚନା କରିଛି । ଏଥିସହ ସାମଗ୍ରୀର ବହୁଳତା, ଶିକ୍ଷକଙ୍କ ସ୍ୱତନ୍ତ୍ରତା ଏବଂ ବୃତ୍ତିଗତ ସ୍ୱାଧୀନତାର ଆବଶ୍ୟକତାକୁ ଏହା ଗୁରୁତ୍ୱ ଦେଇଛି । ବିଦ୍ୟାଳୟ ସ୍ତରରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ତଦାରଖ ପାଇଁ ଶୈକ୍ଷିକ ଯୋଜନା ଓ ନେତୃତ୍ୱ ପରି ପ୍ରସଙ୍ଗକୁ ମଧ୍ୟ ପରିସରଭୁକ୍ତ କରାଯାଇଛି ।

ପିଲାମାନଙ୍କ ଉପରେ ପାଠ୍ୟକ୍ରମ ବୋଝ ସମସ୍ୟାର ସମାଧାନ ଲକ୍ଷ୍ୟରେ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୦୦ର ସମୀକ୍ଷା କରାଯାଇଥିଲା । ଜ୍ଞାନକୁ ସୂଚନାଭାବେ ବିବେଚନା କରୁଥିବା ବ୍ୟବସ୍ଥାଗତ ଧାରଣାର ମୂଳ ଚିହ୍ନଟ କରି ଯଶପାଲ କମିଟି ଏହି ସମସ୍ୟାର ବିଶ୍ଳେଷଣ କରିଥିଲେ । କମିଟି ଏହାର ରିପୋର୍ଟ 'ବୋଝ ବ୍ୟତିରେକ ଶିକ୍ଷଣ'ରେ ସୂଚୀତ କରିଥିଲା ଯେ ଯେତେଦିନ ପର୍ଯ୍ୟନ୍ତ ଶିଶୁ ଜ୍ଞାନର ପ୍ରାପକ(*Receiver*) ବୋଲି ରହିଥିବା ଆମ ଧାରଣାର ପରିବର୍ତ୍ତନ ନହେବ ଏବଂ ପାଠ୍ୟ ପୁସ୍ତକ ପରୀକ୍ଷାର ଆଧାର ବୋଲି ବିଚାର୍ଯ୍ୟ ଅବଧାରଣାର ଊର୍ଦ୍ଧ୍ୱକୁ ଆମେ ନଯିବା ସେତେଦିନ ପର୍ଯ୍ୟନ୍ତ ବିଦ୍ୟାଳୟ ଶିକ୍ଷା ଆନନ୍ଦଦାୟକ ହୋଇପାରିବ ନାହିଁ । ଶିଶୁର ନିଜସ୍ୱ ସୃଜନୀ ଶକ୍ତି ଏବଂ ନିଜ ଅନୁଭବରୁ ଜ୍ଞାନ ନିର୍ମାଣ କ୍ଷମତା ପ୍ରତି ବିଶ୍ୱାସ ନଥିବା କାରଣରୁ ସବୁକିଛି ଶିକ୍ଷା ଦେବାର ଉଦ୍ଦିପନା ସୃଷ୍ଟି ହୋଇଥାଏ ।

ପାଠ୍ୟଖସଡ଼ା ଓ ପାଠ୍ୟପୁସ୍ତକରେ ବଡ଼ ଧରଣର ପରିବର୍ତ୍ତନ ପାଇଁ 'ବୋଝ ବ୍ୟତିରେକ ଶିକ୍ଷା' (*Learning without Burden*)ରିପୋର୍ଟ ସୁପାରିଶ କରିଥିଲା । ଶିଶୁର ସୃଜନୀ ଶକ୍ତିକୁ ଜାଗ୍ରତ କରିବା ପାଇଁ ଶିକ୍ଷାକୁ ଏକ ମାଧ୍ୟମ କରାଯିବା ସପକ୍ଷରେ କମିଟି ମତ ରଖିବା ସହ ଏଥିପାଇଁ ବିଦ୍ୟାଳୟ ପାଠ୍ୟକ୍ରମ ଏବଂ ପରୀକ୍ଷା ପଦ୍ଧତିରେ ଏକ ମୌଳିକ ପରିର୍ବତନ ପାଇଁ ସୁପାରିଶ କରିଥିଲା ।

## ବିବେଚନାତ୍ମକ ଶିକ୍ଷା(*Critical Pedagogy*)

ପିଲାମାନେ ସେମାନଙ୍କ ପରିସ୍ଥିତି ଓ ଆବଶ୍ୟକତାର ପ୍ରମୁଖ ନୀରିକ୍ଷକ ହୋଇଥିବାରୁ ସେମାନଙ୍କ ଶିକ୍ଷା ଓ ଭବିଷ୍ୟତରେ ଏହାର ସୁଯୋଗ ସଂକ୍ରାନ୍ତ ଆଲୋଚନା ଓ ସମସ୍ୟା ସମାଧାନ ପ୍ରସଙ୍ଗରେ ସେମାନଙ୍କୁ ସାମିଲ କରାଯିବା ଆବଶ୍ୟକ । ଏଥି ପାଇଁ ପିଲାମାନଙ୍କୁ ସେମାନଙ୍କ ଅନୁଭବ ଓ ଧାରଣାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯିବା ଉଚିତ । ଶିଶୁମାନଙ୍କର ମାନସିକ ଦକ୍ଷତା, ଯାହାକି ସେମାନଙ୍କର ଚିନ୍ତା ଓ କାରଣନିର୍ଣ୍ଣୟ ଶକ୍ତିକୁ ବଢାଇବାରେ ସାହାଯ୍ୟ କରେ, ଏବଂ ସାହାସିକତା, ଯାହା ଦ୍ୱାରା ଯେକୋଣସି ପରିସ୍ଥିତି ସମ୍ମୁଖିନ କରିହୁଏ । ଏ ସବୁ ଗୁଣକୁ ବଢାଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି । ଭାଗିଦାରୀ ଶିକ୍ଷଣ ଏବଂ ଶିକ୍ଷାଦାନ ଓ ଆବେଗ ଏବଂ ଅନୁଭୁତିର ଶ୍ରେଣୀଗୃହରେ ନିର୍ଦ୍ଦିଷ୍ଟ ଏବଂ ମୂଲ୍ୟବାନ ସ୍ଥାନ ରହିବାର ଆବଶ୍ୟକତା ରହିଛି । ଉଭୟ ଛାତ୍ର ଓ ଶିକ୍ଷକଙ୍କ ଅନୁଭୂତିରୁ ବାସ୍ତବ ଭାଗିଦାରୀ ସୃଷ୍ଟି ହୋଇଥାଏ ।

ଆହୁରି ମଧ୍ୟ, ବିବେଚନାତ୍ମକ ଶିକ୍ଷା ସେମାନଙ୍କ ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ନୈତିକ ଦିଗ ସଂକ୍ରାନ୍ତ ସମସ୍ୟାକୁ ବିବେଚନା କରିବାର ଏକ ସୁଯୋଗ ଦେଇଥାଏ । ଏହା ସାମାଜିକ ସମସ୍ୟା ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ଆଲୋଚନା ପ୍ରତି ପ୍ରତିବଦ୍ଧତା ସଂକ୍ରାନ୍ତ ଏକାଧିକ ମତାମତକୁ ଗ୍ରହଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ଏହା ବିଦ୍ୟାଳୟର ବହୁମୁଖୀ ପ୍ରସଙ୍ଗ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏକ ମହତ୍ୱପୂର୍ଣ୍ଣ ପାଠ୍ୟକ୍ରମ ରୂପରେଖ ପିଲାମାନଙ୍କୁ ସେମାନଙ୍କ ଜୀବନ ସହ ଯୋଡ଼ିହୋଇଥିବା ଅନେକ ସାମାଜିକ ସମସ୍ୟାକୁ ଅବଲୋକନ କରିବାରେ ଏବଂ ସେମାନଙ୍କ ଜୀବନ ସହ ଜଡିତ ତାହା ଜାଣିବାରେ ସହାୟତା ପ୍ରଦାନ କରେ । ବିବେଚନାତ୍ମକ ଶିକ୍ଷଣ ମୁକ୍ତ ଆଲୋଚନା ଜରିଆରେ ସାମୂହିକ ନିଷ୍ପତ୍ତିକୁ ସୁଗମ କରାଇଥାଏ ଏବଂ ଏକାଧିକ ଆଭିମୁଖ୍ୟକୁ ଉତ୍ସାହ ଓ ସ୍ୱୀକୃତି ପ୍ରଦାନ ସହ ସେହିସବୁ ଆଭିମୁଖ୍ୟକୁ ଧ୍ୟାନରେ ରଖି ଏକ ପାଠ୍ୟକ୍ରମ ପ୍ରସ୍ତୁତ କରିବାରେ ସହାୟକ ହୋଇଥାଏ ।

## ୨.୫.୨ ପ୍ରାରମ୍ଭିକ ଶିକ୍ଷା ପାଠ୍ୟକ୍ରମର ଉଦ୍ଦେଶ୍ୟ

ଶୈକ୍ଷିକ ଦୃଶ୍ୟପଟ୍ଟରେ ଏହିସବୁ ଦିଗର ପ୍ରଭାବ ଏବଂ ସବୁ ରାଜ୍ୟରେ ଶିକ୍ଷା ଅଧିକାର ଆଇନ(*RTE Act*) କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତିର ପରିଣାମ ସ୍ୱରୂପ ଦେଶବ୍ୟାପୀ ସବୁ ସ୍ତରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । *NCF* ନିର୍ଦ୍ଦେଶାବଳୀ ଅନୁସାରେ ଅଧିକାଂଶ ରାଜ୍ୟରେ ନୂଆ ପାଠ୍ୟକ୍ରମ ପ୍ରସ୍ତୁତ ଓ ପ୍ରଚଳନ କରାଗଲା ଏବଂ ଶିକ୍ଷା କ୍ଷେତ୍ରରେ ଏହି ସବୁ ସଂସ୍କାର, ଦର୍ଶନ ଓ ଅଭ୍ୟାସ ଆଧାରରେ *NCERT* ସବୁ ବିଷୟରେ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କଲା । ପରୀକ୍ଷା ବ୍ୟବସ୍ଥା ଉଚ୍ଛେଦ ହେଲା ଏବଂ ପ୍ରାଥମିକ ସ୍ତରରେ *CCE* ପ୍ରଚଳନ କରାଗଲା । ଯୁବପିଢ଼ିକୁ ଶିକ୍ଷିତ କରିବା ପାଇଁ ହିତାଧିକାରୀ ଓ ଗୋଷ୍ଠୀକୁ ନେଇ ବିଦ୍ୟାଳୟ ପରିସରରେ ଭାଗିଦାରୀ ପରିଚାଳନା ଆରମ୍ଭ



ଟିପ୍ପଣୀ

କରାଗଲା । ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ *ICT*ର ଯୋଗଦାନକୁ ଆବଶ୍ୟକ ପ୍ରାଧାନ୍ୟ ମଧ୍ୟ ପ୍ରଦାନ କରାଗଲା ।

ପାଠ୍ୟକ୍ରମ ସମ୍ପାଦନ ପାଇଁ ମୋଟ ଦିବସ ସଂଖ୍ୟା ୨୦୦ ଧାର୍ଯ୍ୟ ହେଲା । ଜିଲ୍ଲା ପଞ୍ଚାୟତ ପରାମର୍ଶରେ ବିଦ୍ୟାଳୟର ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତି କରାଯାଇ ଜିଲ୍ଲାସ୍ତରରେ ବଣ୍ଟନ କରାଗଲା । ମୋଟ ଗୃହକାର୍ଯ୍ୟ ଅବଧି ନିମ୍ନମତେ ଧାର୍ଯ୍ୟ ହେଲା । (କ)ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାକୁ ଗୃହକାର୍ଯ୍ୟ ମୁକ୍ତ ଓ ପ୍ରାଥମିକ ସ୍ତର ଶିକ୍ଷାର ତୃତୀୟ ଶ୍ରେଣୀଠାରୁ ଉପରକୁ ସପ୍ତାହକୁ ଦୁଇ ଘଣ୍ଟା ; (ଖ) ମଧ୍ୟ ସ୍କୁଲ ପାଇଁ ଦୈନିକ ଏକ ଘଂଟା ସପ୍ତାହକୁ ପ୍ରାୟ ୫ରୁ ୬ ଘଣ୍ଟା (ଗ)ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ଦୁଇ ଘଣ୍ଟା ସପ୍ତାହକୁ ୧୦ରୁ ୧୨ ଘଣ୍ଟା ଧାର୍ଯ୍ୟ କରାଗଲା ।

ଏହି ସବୁ ପରିବର୍ତ୍ତନ ନୂତନ ଶୈକ୍ଷିକ ଅଭ୍ୟାସ ଓ ଧାର୍ଯ୍ୟ ନୂତନ ଲକ୍ଷ୍ୟ ହାସଲ ନିମନ୍ତେ ଶିକ୍ଷକ ତାଲିମର ଆବଶ୍ୟକତା ସୃଷ୍ଟିକଲା । *(NCF)* ଏନ୍‌ସିଏଫ୍ ଶିକ୍ଷକଙ୍କ ପାଇଁ ନୂଆ ନୂଆ ଭୂମିକା ଏବଂ ଦାୟିତ୍ୱ ପ୍ରଦାନ କରିବା ସହ ସେମାନଙ୍କ ତାଲିମ ପାଇଁ ଅନେକ ପରାମର୍ଶ ଓ ପ୍ରସ୍ତାବ ଦେଲା । ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମର ପୁନଃ ପ୍ରସ୍ତୁତି ଓ ସୁଦୃଢ଼ୀକରଣ ଆବଶ୍ୟକ ହେଲା, ଯାହା ଦ୍ୱାରା ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ଶିକ୍ଷକ ନିଜକୁ ଉତ୍ସାହର ସହ ସାମିଲ କରିପାରିବ ଓ ଶିକ୍ଷାର୍ଥୀଙ୍କୁ ସହାୟତା ପ୍ରଦାନ କରିବା ସହ ସେମାନଙ୍କ ମେଧାଶକ୍ତି ବିକାଶ ନିମନ୍ତେ ଶିକ୍ଷାର୍ଥୀଙ୍କୁ ସକ୍ଷମ କରାଇ ପାରିବ । ଫଳରେ ଶିକ୍ଷାର୍ଥୀ ନିଜର ଶାରୀରିକ ଓ ବୌଦ୍ଧିକ ଦକ୍ଷତାକୁ ପୂର୍ଣ୍ଣରୂପେ ବିକଶିତ କରିବା ସହ ଚରିତ୍ର ଗଠନ ଓ ସାମାଜିକ ଓ ମାନବିକ ମୂଲ୍ୟବୋଧ ଜରିଆରେ ରାଷ୍ଟ୍ରର ଜଣେ ସୁନାଗରିକ ହୋଇପାରିବେ । ଶିକ୍ଷାର୍ଥୀଙ୍କ ବିବିଧ ଆବଶ୍ୟକତା ପୂରଣ କରିପାରୁଥିବା ଏକ ସୁସ୍ଥ ଶିକ୍ଷଣ ପରିବେଶ ଗଠନ ପାଇଁ ଶିକ୍ଷକ ସ୍ୱାଧୀନତା ଏବଂ ବୃତ୍ତିଗତ ସ୍ୱତନ୍ତ୍ରତା ଜରୁରୀ ।

ଜ୍ଞାନନିର୍ମାଣରେ ଶିକ୍ଷାର୍ଥୀଙ୍କ ଅଂଶଗ୍ରହଣ, ଶିକ୍ଷଣ ବିଷୟରେ ଭାଗିଦାରୀ, ଶିକ୍ଷକଙ୍କୁ ଜ୍ଞାନ ନିର୍ମାଣର ସହଯୋଗକାରୀ, ଶିକ୍ଷକ ଶିକ୍ଷାର ବିବିଧ ଜ୍ଞାନର ପ୍ରାରୂପ, ତତ୍ତ୍ୱଗତ ଓ ପ୍ରୟୋଗାତ୍ମକ ଶିକ୍ଷାର ସମନ୍ୱୟ,ଭାରତୀୟ ସମସାମୟିକ ସମାଜର ବିଭିନ୍ନ ପ୍ରସଙ୍ଗ ଓ ଏହାର ସମାଧାନ ଉପରେ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଗୁରୁତ୍ୱାରୋପ କରୁଛି ।

ଏହି ପ୍ରସଙ୍ଗରେ ମୁଖ୍ୟତଃ ଶିକ୍ଷକ ଶିକ୍ଷାରେ ଭାଷାଗତ ଦକ୍ଷତା ଓ ଶିକ୍ଷକଙ୍କୁ ବୃତ୍ତିଗତଭାବେ ସଶକ୍ତ କରିବାପାଇଁ ଶିକ୍ଷକ ଶିକ୍ଷା(*Teacher Education*) ଏକ ସାମଗ୍ରିକ ( *Integrated*)ମଡେଲ

ଉପରେ ଗୁରୁତ୍ୱ ଦିଆ ଯାଇଛି । ଅଧିକ *NCF 2005* କାର୍ଯ୍ୟରତ ଶିକ୍ଷକଙ୍କ ଶିକ୍ଷା ବ୍ୟବସ୍ଥାକୁ କାର୍ଯ୍ୟକ୍ରମକୁ ବିଦ୍ୟାଳୟରେ ପରିବର୍ତ୍ତିତ କାର୍ଯ୍ୟ ଓ ଶିକ୍ଷାର ଦ୍ୱରକଭାବେ ବିଚାର କରେ ।

## ୨.୬ ସାରାଂଶ

ଏହି ଏକକରୁ ଆମେ ସ୍ୱାଧୀନତା ପରବର୍ତ୍ତୀ ଭାରତରେ ସ୍ଥାପିତ ବିଭିନ୍ନ ଶିକ୍ଷା କମିସନ୍ ଓ କମିଟିର ସୁପାରିଶକୁ ଗମ୍ଭୀରତାର ସହ ସମୀକ୍ଷା କରିବା ପରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାର ଉତ୍ପତ୍ତି ଏବଂ ବିକାଶ ସମ୍ପର୍କରେ ଜାଣିଲେ । କିପରି ଭାବେ ରାଧାକ୍ରିଷ୍ଣନ୍ କମିସନ୍ ଓ କୋଠାରୀ କମିସନ୍‌ଙ୍କ ସୁପାରିଶ୍ ଶିକ୍ଷାର ବିକାଶକୁ ମୋଟାମୋଟିଭାବେ ଏବଂ ଯଶପାଲ କମିଟିର ସୁପାରିଶ ପ୍ରାଥମିକ ଶିକ୍ଷାକୁ ସ୍ୱତନ୍ତ୍ରଭାବେ ପ୍ରଭାବିତ କରିଥିଲା ତାହା ମଧ୍ୟ ଆମେ ଜାଣିଲେ । ସମୟକୁ ସମୟ ସଂଶୋଧିତ ପରବର୍ତ୍ତୀ ଜାତୀୟ ଶିକ୍ଷା ନୀତିରେ ସେସବୁର ପ୍ରତିଫଳନ ବିଷୟରେ ମଧ୍ୟ ଆମେ ଅବଗତ ହେଲେ ।

ଶିକ୍ଷା ନୀତିଗୁଡ଼ିକୁ ଓ ପ୍ରଗତିକୁ ସମୟକୁ ସମୟ ଜାତୀୟ ବିକାଶ ଏବଂ ଏହାର ଗୁରୁତ୍ୱ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଆଧାରରେ ସମୀକ୍ଷା କରାଗଲା । *NPE* ୧୯୬୮ ର ସଂକଳ୍ପରେ ଗୁଣବତ୍ତାର ଉନ୍ନତି, ଅଧିକ ନ୍ୟାୟସଂଗତ ଓ ଯୋଜନାବଦ୍ଧ ଶୈକ୍ଷିକ ସୁଯୋଗ ଏବଂ ବାଳିକା ଶିକ୍ଷାର ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହା ପରେ *NPE*-୧୯୮୬ ପ୍ରସ୍ତୁତ ହେଲା ଏବଂ ପରବର୍ତ୍ତୀ ସମୟରେ ୧୯୯୨ରେ ଏହାକୁ ସଂଶୋଧନ କରାଗଲା । *NPE*-୧୯୮୬ ଶତାବ୍ଦୀ ଶେଷ ସୁଦ୍ଧା ଶିକ୍ଷାର ବିକାଶ ପାଇଁ ଏକ ବ୍ୟାପକ ନୀତି ରୂପରେଖ ଯୋଗାଇଥିଲା । ତଦନୁସାରେ ୧୯୯୨ରେ ସଂଗଠନ, କାର୍ଯ୍ୟାନ୍ୱୟନ ଓ ବିନିଯୋଗର ସ୍ୱତନ୍ତ୍ର ଦାୟିତ୍ୱ ସହ ଏକ କ୍ରିୟାଭିମୁଖୀ କାର୍ଯ୍ୟକ୍ରମ(*POA*) ପ୍ରସ୍ତୁତ କରାଗଲା । ସମୟକୁ ସମୟ ଏହି ସବୁ ନୀତିର ନିଷ୍ପତ୍ତି ଏବଂ ଯଶପାଲ କମିଟି ସୁପାରିଶକୁ ବିଚାରକୁ ନେଇ ବିଦ୍ୟାଳୟର ସାଂଗଠନିକ ରୂପ ପରିବର୍ତ୍ତନ କରାଗଲା ଏବଂ ଏକ ନୂତନ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୦୫ ପ୍ରସ୍ତୁତ କରାଗଲା; ଯାହା ଆଜି ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଛି ।

## ୨.୭ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚି


- *Aggarwal, J.C., (1985), Development and Planning of Modern Education, Vani Educational Books, New Delhi.*
- *Aggarwal, J.C., (1993), Landmarks in the History of Modern Indian Education. Vikas Publishing House Pvt. Ltd. New Delhi.*

ଟିପ୍ପଣୀ


- *Chaube, S.P., (1988), History and Problems of Indian Education, (Second Edition) Vinod Pustak Mandir, Agra, UP.*
- *Rawat, P.L., History of Indian Education Agra,UP, Ram Prasad and Sons.*
- *Safaya, R.N., (1983), Current Problems in Indian Education , Delhi, 9th Edition, Dhanpat Rai & Sons.*
- *Saikia, Siddheswar, (1998), History of Education in India, Mani Manik Prakash*
- *Sharma, R.N., History and Problems of Education in India, Delhi, Surjeet Publications.*
- *http://www.indiatogether.org/2004/jul/edu-kothari.htm*
- *http://59.163.61.3:8080/gratest/showtexfile.do?page_id=user_image&user_image_id=775*
- *http://www.dise.in/Downloads/Use%20of%20Dise%20Data/Ajay%20Deshpande,Sayan%20Mitra.pdf*
- *http://www.create-rpc.org/pdf_documents/India_CAR.pdf*
- *http://www.archive.org/stream/annualreportofsu19541955virg/annualreportofsu19541955virg_djvu.txt*


## ୨.୮ ପାଠାନ୍ତ ପ୍ରଶ୍ନାବଳୀ

୧. ଦେଶରେ *NPE*(୧୯୬୮) ଥିବା ସତ୍ତ୍ୱେ ୧୯୮୫ରେ କାହିଁକି ଆଉ ଏକ ନୂତନ ଜାତୀୟ ଶିକ୍ଷା ନୀତିର ଆବଶ୍ୟକତା ଅନୁଭବ କରାଗଲା ?

୨. କୋଠାରୀ କମିସନ୍ କ'ଣ ପାଇଁ ନିଯୁକ୍ତ ହୋଇଥିଲା ? କୋଠାରୀ କମିସନ୍‌ଙ୍କ ଯେକୌଣସି ଚାରିଟି ପ୍ରମୁଖ ସୁପାରିଶ ଉଲ୍ଲେଖ କର ।





୩. ଶିକ୍ଷକ ଶିକ୍ଷାର ଉନ୍ନତି ସଂକ୍ରାନ୍ତରେ କେତେକ ସ୍ୱତନ୍ତ୍ର ସୁପାରିଶ ବ୍ୟାଖ୍ୟା କର ।

୪. ଭାରତରେ ପ୍ରାରମ୍ଭିକ ଶିକ୍ଷାର ପ୍ରମୁଖ ସମସ୍ୟାଗୁଡ଼ିକ କ'ଣ ?

୫. ସାମ୍ପ୍ରତିକ ଶିକ୍ଷା ନୀତିର ବୈଶିଷ୍ଟ୍ୟ ଗୁଡ଼ିକୁ ବ୍ୟାଖ୍ୟା କର ।

୬. ଜାତୀୟ ପାଠ୍ୟକ୍ରମ ରୂପରେଖ-୨୦୦୫ର ପ୍ରାସଙ୍ଗିକତାକୁ ମୂଲ୍ୟାୟନ କର । ଏହାକୁ କାର୍ଯ୍ୟକାରୀ କରିବାରେ ଆବଶ୍ୟକ କାର୍ଯ୍ୟ ଯୋଜନାର ସୁଧାର ପାଇଁ ପ୍ରସ୍ତାବ ଦିଅ ।

୭. ଆଠ ବର୍ଷିଆ ପ୍ରାରମ୍ଭିକ ଶିକ୍ଷାର ସ୍ୱରୂପକୁ ଗୁରୁତ୍ୱର ସହ ଅନୁଧ୍ୟାନ କର । ଦେଶବ୍ୟାପୀ ଏକକ ସ୍ୱରୂପ ପାଇଁ ପରାମର୍ଶ ପ୍ରଦାନ କର ।